

ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ
ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟସକବି ଫକୀର ମୋହନ



## ଉଦ୍‌ଘାଟନକୁ ପୂରିଲାଣି ୭ବର୍ଷ

# କାର୍ଯ୍ୟକ୍ଷମ ହେଉନି ଓଳାଶୁଣୀ ପରିବେଶ ପର୍ଯ୍ୟଟନ କେନ୍ଦ୍ର

ଚଣ୍ଡିଖୋଲ,୨୯।୧୨(ଡ଼ି.ଏନ.ଏ)

ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଛି। ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକମାନେ ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ପୀଠକୁ ଆସୁଛନ୍ତି। ବନବିଭାଗ ତରଫରୁ ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ନିର୍ମାଣ କରାଯାଇଥିବା ପରିବେଶ ପର୍ଯ୍ୟଟନ କେନ୍ଦ୍ର ଏବେ ଅଚଳ ଅବସ୍ଥାରେ ରହିଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ପରିବେଶ ପର୍ଯ୍ୟଟନ କ୍ଷେତ୍ର ଉଦଘାଟନ ହେବାର ୭ ବର୍ଷ ପରେ ବି ଏଠାକୁ ପାଣି ଓ ବିଦ୍ୟୁତ ଯୋଗାଣ ହୋଇପାରି ନାହିଁ। ଯାହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ଥାଉକି, ଚଣ୍ଡିଖୋଲ ଡ଼ାଳିଯୋଡ଼ା ବନାଞ୍ଚଳ ଅଧୀନରେ ରହିଛି ଓଳାଶୁଣୀ ପାହାଡ଼। ଏହି ପାହାଡ଼ର ଶୀର୍ଷଦେଶରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ



ଓଳାଶୁଣୀଠାରେ ନିର୍ମିତ ହୋଇଥିବା ପରିବେଶ ପର୍ଯ୍ୟଟନ କେନ୍ଦ୍ର।

ସମାଧି ପୀଠ ରହିଥିବାବେଳେ ପାହାଡ଼ ପାଦଦେଶରେ ରହିଛି ମା'ଓଳାଶୁଣୀଙ୍କ ପୀଠ। ସେଥିପାଇଁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଡିସେମ୍ବର ଓ ଜାନୁଆରୀ ପର୍ଯ୍ୟଟନ ଋତୁ ହୋଇଥିବା ହେତୁ ଏଠାରେ ବ୍ୟାପକ ଗହଳି ଲାଗିଥାଏ। ସେଥିପାଇଁ ବନବିଭାଗ ତରଫରୁ ୨୦୧୨ରେ ୪୫ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିଲା ପରିବେଶ ପର୍ଯ୍ୟଟନ କେନ୍ଦ୍ର। ବନବିଭାଗ ତରଫରୁ ଏହି ପର୍ଯ୍ୟଟନ କେନ୍ଦ୍ରର ପରିଧି ମଧ୍ୟରେ ୩ଟି ଛୋଟଛୋଟ ରହଣୀ

■ ୨୦୧୨-୧୩ ଆର୍ଥିକ ବର୍ଷରେ ଉଦ୍‌ଘାଟିତ ହୋଇଥିଲା

■ ଏଯାଏ ଯୋଗାଣ ହେଲାନି ବିଦ୍ୟୁତ, ପାଣି

ଗୃହ ନିର୍ମାଣ କରାଯାଇଥିଲାବେଳେ ଏଠାରେ ରହଣି କାଳରେ ଅତିଥିଙ୍କ ଖାଦ୍ୟପେୟ ପାଇଁ ଏକ କ୍ୟାଣ୍ଟିନ ଗୃହ ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନେ ବସିବା ପାଇଁ ବିଭିନ୍ନ କାଠ ସେଡ୍ ନିର୍ମାଣ କରାଯାଇଥିଲା। ତେବେ ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ପାଇଁ ବନବିଭାଗ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏହା ମଧ୍ୟରେ ବୁଲିବା ଓ ବସିବା ପାଇଁ କାଠ ଓ ସିମେଣ୍ଟରେ ତିଆରି ବିଭିନ୍ନ ବେଞ୍ଚ ଓ ଚୌକି ଆଦି ନିର୍ମାଣ କରିଥିଲାବେଳେ ଏହା ଏବେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ୨୦୧୨-୧୩ ଆର୍ଥିକ ବର୍ଷରେ ଏହା ଉଦ୍‌ଘାଟିତ ହୋଇଥିଲା। ତେବେ ଏଠାରେ ପାଣି ଓ ବିଦ୍ୟୁତ ଆଲୋକ ନ ଥିବା ହେତୁ ଏହା ମଧ୍ୟକୁ ପର୍ଯ୍ୟଟକଙ୍କୁ ଛଡ଼ାଯାଇ ନ ଥିଲା। ଦୀର୍ଘ ୭ବର୍ଷ ଧରି ଏହି ପରିବେଶ ପର୍ଯ୍ୟଟନ କେନ୍ଦ୍ର କାର୍ଯ୍ୟ ସରିଥିଲାବେଳେ ଏଥିରେ ୩ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନେ ମାସକୁ ମାସ ଦରମା ନେଉଛନ୍ତି। ମାତ୍ର ପର୍ଯ୍ୟଟନ କେନ୍ଦ୍ରକୁ ପର୍ଯ୍ୟଟକ ଯାଉନାହାନ୍ତି। ସଦାସର୍ବଦା ଏହାର ଫାଟକରେ ତାଲା ପଡ଼ିରହିଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ପଚାରିବାରେ, ବିଦ୍ୟୁତ ବିଭାଗକୁ ବିଦ୍ୟୁତ ଯୋଗାଣ ପାଇଁ ଆବେଦନ କରାଯାଇଛି। ଏ ପର୍ଯ୍ୟନ୍ତ ବିଦ୍ୟୁତ ଓ ପାଣି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ଏହା ମଧ୍ୟକୁ ଆସୁନାହାନ୍ତି। ଗତ ଫନୀ ବାତ୍ୟାରେ ଏହି କେନ୍ଦ୍ରର ବ୍ୟାପକ କ୍ଷୟକ୍ଷତି ହୋଇଥିଲାବେଳେ ଏ ପର୍ଯ୍ୟନ୍ତ ମରାମତି କରାଯାଇପାରି ନାହିଁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସୁଶାନ୍ତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଦାନଗଦି ଫୁଟବଲ ଦଳ ଚାମ୍ପିୟନ



ଅତିଥିଙ୍କ ସହ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ।

ଯାଜପୁର ଅଫିସ,୨୯।୧୨

ଯାଜପୁରରୋଡ ମର୍ଣ୍ଣିଂ ଫୁଟବଲ ଟିମ ପକ୍ଷରୁ ରବିବାର ନରସିଂହ ଚୌଧୁରୀ(ଏନସି) ହାଇସ୍କୁଲ ଖେଳ ପଡିଆରେ ପ୍ରଥମ ସୁଶାନ୍ତ ମେମୋରିଆଲ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମର୍ଣ୍ଣିଂ କ୍ଲବକୁ ୨-୦ ଗୋଲରେ ହରାଇ ଦାନଗଦି ଫୁଟବଲ ଟିମ୍ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ମର୍ଣ୍ଣିଂ କ୍ଲବ ଓ ଦାନଗଦି ଫୁଟବଲ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚଗୁଡ଼ିକୁ ଆଦି କାନ୍ଦିଲୁନାଲ, ସୁକାନ୍ତ ମଲ୍ଲିକ, କୁମାର ମୁର୍ମୁ, ଏସ. ପିଙ୍ଗୁଆ, ରିଆଜ କାଣ୍ଡ୍ରି ପରିଚାଳନା କରିଥିବାବେଳେ ରଞ୍ଜନ କୁମାର ମାରାଣ୍ଡି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଯୋଧ୍ୟା ଜେନା ମୁଖ୍ୟଅତିଥି, ଦିଲୀପ କୁମାର ଜେନା, ଜ୍ଞାନରଞ୍ଜନ ଓଝା, ଚନ୍ଦ୍ରମଣି ପାତ୍ର, ରବୀନ୍ଦ୍ର ଜାରିକା, ରାଜେନ୍ଦ୍ର ସ୍ୱାଇଁ, ବଚନ କୁମାର ସାମଲ ଓ ଉତ୍କଳ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମମତ୍ୱର ମହୋଦଧି-ମୈତ୍ରୀ ଉଦଯାପିତ

**ବରୀ,୨୯।୧୨(ସ୍ୱ.ପ୍ର):** ବରୀ ବ୍ଲକ ଅଧୀନ ବରୀ ମାଉଣ୍ଡସ୍ଥିତ କୃପାସିନ୍ଧୁ ବିଦ୍ୟାଭବନ ପରିସରରେ ମମତ୍ୱର ମହୋଦଧି ମୈତ୍ରୀ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆପଣା ପଣର ଏକ ନୂଆ ଆରମ୍ଭ କାର୍ଯ୍ୟକ୍ରମକୁ ୧୯୮୮ ମସିହା ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ କରାଯାଇଛି। ଏନେଇ ମମତ୍ୱର ମହୋଦଧି-ମୈତ୍ରୀକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ କର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଭବନର ପ୍ରଧାନ ଶିକ୍ଷକ ସୁଦର୍ଶନ ମଲ୍ଲିକଙ୍କ ସଭାପତିତ୍ୱରେ 'ଶିକ୍ଷାର ଗୈରୀକରଣ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥାର ପଥରୋଧ କରୁଛି କି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବରୀ ଅଞ୍ଚଳର ବହୁ ଶିକ୍ଷାବିତ୍ ନିଜ ନିଜର ମତାମତ ରଖିଥିଲେ। ରାଜ କିଶୋର ପଣ୍ଡା, ଅଧକ୍ଷ ବିଜୟ ଦାସ, ଗଗନ ବିହାରୀ ଧଳ, ନୀଳମଣି ସାମଲ, ବିଷ୍ଣୁଚରଣ ମହାନ୍ତି ପ୍ରମୁଖ ବରିଷ୍ଠ ନାଗରିକମାନେ ଯୋଗଦେଇ ଶିକ୍ଷା ଓ ଶିକ୍ଷାୟତନ ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ରୀଛାତ୍ର ପୂର୍ଣ୍ଣିମା ଜେନା, ସବ୍ୟସାଚୀ ବେହୁରିଆ, ସୁମନ୍ତ କୁମାର ପଣ୍ଡା, ଦୀନବନ୍ଧୁ ଜେନା, ବନ୍ଦନା ପଟ୍ଟନାୟକ, ଦଶରଥ ବେହେରା, ବିଦ୍ୟାଧର ବେହେରା, ମହେଶ୍ୱର ଦାସ, ସଂଯୁକ୍ତା ସାମଲ, ସଂଜୁଲତା ଜେନା ପ୍ରମୁଖ ଯୋଗଦେଇ ମମତ୍ୱର ବନ୍ଧନରେ ସମସ୍ତେ ବାନ୍ଧି ହେବାର ସୁଯୋଗ ମୈତ୍ରୀ ବୋଲି କହିଥିଲେ। ଏହି ପରିପ୍ରେକ୍ଷିରେ ମମତ୍ୱ ମହୋଦଧି-ମୈତ୍ରୀ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ରବୀନ୍ଦ୍ର କୁମାର ଜେନା ଧନ୍ୟବାଦ ଦେଇଥିଲେ।

### କୁଆଁସ ମା' ମଙ୍ଗଳାଙ୍କ ନାମରେ ସିଡ଼ୀ କ୍ୟାସେଟ୍ ଉନ୍ମୋଚିତ

**ଦଶରଥପୁର,୨୯।୧୨ (ଡିଏନ୍‌ଏ):** ଦଶରଥପୁର ବ୍ଲକ୍ ଡାହାଣହତା ପଞ୍ଚାୟତସ୍ଥିତ ପ୍ରସିଦ୍ଧ କୁଆଁସ ମା' ମଙ୍ଗଳାଙ୍କ ପୀଠରେ ମା' ମଙ୍ଗଳାଙ୍କ ନାମରେ ଏକ ସିଡ଼ି କ୍ୟାସେଟ୍‌କୁ ଶନିବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଉନ୍ମୋଚନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦେବୀଙ୍କ ପୀଠରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ଯୋଗଦେଇ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ନୀଳ ନକ୍ସା ପ୍ରସ୍ତୁତ କରାଯିବ ଓ ଏହି ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ, ବିଡିଓ ନାରାୟଣ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ସରପଞ୍ଚ ଗୋବିନ୍ଦ ଜେନା, ଶିକ୍ଷାବିତ୍ ହରେରାମ ପଣ୍ଡାଙ୍କ ସହ ଏହି ସିଡ଼ି କ୍ୟାସେଟ୍‌ର ଯୁବ ସଙ୍ଗୀତକାର ଦୀନେଶ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସିଡ଼ି କ୍ୟାସେଟ୍ ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମଧ ଗୀତ ଲେଖିଛନ୍ତି।

## ଧର୍ମଶାଳା ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ମୃଣ୍ମୟୀ ଡ୍ୟାନ୍ସ ଏକାଡେମୀ ନୃତ୍ୟରେ ଦର୍ଶକ ବିଭୋର



ଭବାନୀପାଟଣା କଳାକାରମାନଙ୍କ ଦ୍ୱାରା ସିଙ୍ଗାରୀ ନୃତ୍ୟ

ଧର୍ମଶାଳା,୨୯।୧୨(ଡିଏନ୍‌ଏ)

ଧର୍ମଶାଳା ମହୋତ୍ସବର ରବିବାର ଥିଲା ପଞ୍ଚମ ସନ୍ଧ୍ୟା। ଶୀତର ପ୍ରକୋପ ସତ୍ତ୍ୱେ ଟାଙ୍ଗୀ, ଛତିଆ, ବାଲିଚନ୍ଦ୍ରପୁର, ସୁକିନ୍ଦା, ଡୁବୁରୀ, ଢେଙ୍କାନାଳ ଜିଲାର ବହୁ ଦର୍ଶକ ମହୋତ୍ସବ ଦେଖିବାକୁ ଆସିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଭବାନୀପାଟଣାର ମୃଣ୍ମୟୀ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ସିଙ୍ଗାରୀ ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା । ଯାହାକୁ ଦେଖିବା ପାଇଁ ଦର୍ଶକ ଭିଡ ଲଗାଇଥିଲେ। ଅନ୍ୟପକ୍ଷରେ କଟକ ଭଜନ ଅମୃତ ଦଳର ଶ୍ରୀଚରଣ ଓ ସାଥୀ ଭଜନ ପରିବେଷଣ କରିଥିଲେ । ମହୋତ୍ସବରେ ପଡିଥିବା ବିଭିନ୍ନ ଷ୍ଟଲ, ଖାଦ୍ୟ ସାମଗ୍ରୀ ଓ ଘରକରଣା ସାମଗ୍ରୀ ଦୋକାନରେ ଭିଡ ଲାଗିଥିଲା । କୁନି କୁନି ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ । ସୋମବାର ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଅତିଥି ଭାବେ ଏସପି ଚରଣ ସିଂ ମୀନା ଓ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ଭୁବନେଶ୍ୱର ଦଶଅବତାର ନାଟ୍ୟଶାଳା ଓ ଅର୍କେଷ୍ଟ୍ରା ପଞ୍ଚମ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନିର୍ଦ୍ଦେଶରେ ଦର୍ଶକମାନଙ୍କ ପାଇଁ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### କେଡିଏମ କ୍ରିକେଟ: ସୁପର ଟେନରେ ଜାରକା

ଧର୍ମଶାଳା, ୨୯।୧୨(ଡିଏନ୍‌ଏ)

କଳ୍ପତରୁ ଦାସ ନ୍ୟାଶ୍‌ନାଲ ଫାଉଣ୍ଡେସନ ପକ୍ଷରୁ ବଡ଼କାଏମା ଖେଳ ପଡିଆରେ ଅନୁଷ୍ଠିତ ୫ମ କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଏକ ଜୋନାଲ ଫାଇନାଲ ମ୍ୟାଚ୍‌ରେ ମିର୍ଜାପୁରକୁ ୬ ଉଇକେଟରେ ପରାସ୍ତ କରି ଜାରକା ସୁପରେ ଟେନରେ ପ୍ରବେଶ କରିଛି। ଏହି ମ୍ୟାଚରେ ମିର୍ଜାପୁର ପ୍ରଥମେ ବ୍ୟାଟିଂ କରି ୧୩.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଧାଂଶୁ ସ୍ୱାଇଁ ୨୯ ଓ ଗୌରୀଶଙ୍କର ନାୟକ ୨୮ ରନ କରିଥିଲେ। ପ୍ରତିପକ୍ଷ ଜାରକା ଦଳର ଶ୍ରୀକାନ୍ତ ମହାନ୍ତି ଓ ମକରଧ୍ୱଜ ଦାସ ୩ଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜାରକା ୧୦.୫ ଓଭରରେ ୪ ଉଇକେଟ ହରାଇ ୧୨୪ ରନ କରି ବିଜୟୀ ହୋଇଥିଲା। ସତ୍ୟସାଗର ମହାନ୍ତ ୬୧ ଓ ଜଗନ୍ନାଥ ମହାପାତ୍ର ୩୦ ରନ କରିଥିଲେ। ମିର୍ଜାପୁରର ମନୋରଞ୍ଜନ ସେଠୀ ୨ଟି ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ଉତ୍ତମ ସାମଲ ଓ ଅବିନାଶ ସାମଲ ପରିଚାଳନା କରିଥିଲେ। ଆସନ୍ତା ୫ ତାରିଖରେ କଳ୍ପତରୁ ଦାସ ଷ୍ଟାଡିଅମଠାରେ ଗଙ୍ଗାଧରପୁର ଓ ପ୍ରଥମାଖଣ୍ଡି ଏବଂ କଣ୍ଟିଗଡିଆ ଓ ନଠୁଆବର ପଞ୍ଚାୟତ ମଧ୍ୟରେ ସୁପର ଟେନ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।

## ଗୁରୁ ରବିନାରାୟଣ ଦାସ ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

# ସୁକିନ୍ଦାକୁ ହରାଇ ଛତିଆ ଚାମ୍ପିୟନ

ଚଣ୍ଡିଖୋଲ,୨୯।୧୨(ଡ଼ି.ଏନ.ଏ)

ବଡ଼ଚଣା ବ୍ଲକ ଧାନମଣ୍ଡଳ ମେଳଣ ପଡ଼ିଆଠାରେ ସ୍ପୋର୍ଟ୍ସ ଆଣ୍ଡ କଲଚୁରାଲ କ୍ଲବ ପକ୍ଷରୁ ଅନୁଷ୍ଠିତ ୫ମ ବାର୍ଷିକ ଗୁରୁ ରବିନାରାୟଣ ଦାସ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲରେ ନିୟୁ ଲାଇଫ ଜାମୁରାଳୀ ସୁକିନ୍ଦା କ୍ରିକେଟ କ୍ଲବକୁ ୫ ଉଇକେଟ୍‌ରେ ପରାସ୍ତ କରି ୟାଇ.ସି.ସି. (ଛତିଆ) ଚାମ୍ପିୟନ ହୋଇଛି। ସୁକିନ୍ଦା ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭରରେ ୧୦୭ ରନରେ ଅଲ୍‌ଆଉଟ ହୋଇଯାଇଥିଲେ। ଜବାବରେ ଛତିଆ ୧୪ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିଭାସ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପପତି ରିବୁନ କୁମାର ଚକ୍ର, ଦୀପକ ମିଶ୍ର, ରଶ୍ମିରଞ୍ଜନ ଦାସ, ଆଇନଜୀବୀ ଦେବରାଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅଧାପକ ସଲିଲ ରାଜନନ୍ଦନ ମହାନ୍ତି ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲିପ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ, ଲିଟନ ବାରି ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ହାପି ଜେନା ବେଷ୍ଟ ବୋଲର, ହୃଦାନନ୍ଦ ସାହୁ ବେଷ୍ଟ ଫିଲ୍ଡର, ରୋସନ ସ୍ୱାଇଁଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ଅଶ୍ୱଜିତ ରାଉତ ଓ ପ୍ରଶାନ୍ତ ବେହେରା ପରିଚାଳନା କରିଥିଲେ। ଧାରାବିବରଣୀ ସୁଧାକର ଦାସ ଓ ଉଦୟନାଥ ଦାସ ସ୍କୋରିଂରେ ସହାୟତା କରିଥିଲେ।

# ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସରେ ବୃକ୍ଷରୋପଣ

କୋରେଇ, ୨୯।୧୨(ସ୍ୱ.ପ୍ର)

ଯାଜପୁରର ଭୂମିପୁତ୍ର କୋରେଇର ପୂର୍ବତନ ବିଧାୟକ ସ୍ୱର୍ଗତ ଅଶୋକ ଦାସଙ୍କ ୧୧ମ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ପାଣିକୋଇଲିସ୍ଥିତ ମା ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅଶୋକ ଦାସ ସ୍ମୃତି କମିଟି ପକ୍ଷରୁ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ଆବାହକ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଅଶୋକ ଦାସ ଓ ତାଙ୍କ ସହଯୋଗୀ କିଶୋର ଚନ୍ଦ୍ର ମଲିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଶୋକ ପ୍ରେମୀ ସୂର୍ଯ୍ୟମଣି ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲା ପରିଷଦ ଉପାଧକ୍ଷା ଅମୂଲ୍ୟବାଳା ପାତ୍ର, ଜିଲାପରିଷଦ ସଭ୍ୟ ଧରଣୀଧର ଘଡେଇ, ମାତାଜୀ ଆଏଚ, ପୂର୍ବତନ କୋରାଇ ବ୍ଲକ ଅଧକ୍ଷ ଭିକାରୀ ବରାଳ, ବ୍ୟାସନଗର ପୌର ଉପାଧ୍ୟକ୍ଷ ସୁବାସ ବଳ, କଳ୍ପତରୁ ମହାପାତ୍ର, ଅଦ୍ୱୈତ୍ୟ ଚରଣ ଦାଶ, ବଳରାମ ସାହୁ, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ପିନାକ ରଂଜନ ଦାସ, ବାବୁଲାଲ ଗୁରୁ, ବିଶମ୍ଭର ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଶତାଧିକ ଅଶୋକ ପ୍ରେମୀ ଯୋଗ ଦେଇଥିଲେ। ଶେଷରେ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପଥରପଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ବୃକ୍ଷରୋପଣ କରାଯାଇଥିଲା।

## ନୂତନ ଗୃହକୁ ସ୍ଥାନାନ୍ତର ଅପେକ୍ଷାରେ ପ୍ରାଣୀଧନ ଚିକିତ୍ସାଳୟ

# ୧୫ ବର୍ଷ ହେଲାଣି ସରୁନି ନିର୍ମାଣ କାର୍ଯ୍ୟ

ବରୀ,୨୯।୧୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ରମ୍ଭା ପଞ୍ଚାୟତ ନେଉଳା ମୌଜାରେ ୧୫ବର୍ଷ ତଳୁ ନିର୍ମାଣ ଚାଲିଛି ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇ କୋଠାବାଡି ନିର୍ମାଣ ସରିଛି। ଏହି କାର୍ଯ୍ୟାଳୟକୁ ଯାତାୟାତ କରିବା ପାଇଁ ଏମ୍‌ଡିଆର-୧୪ ରାସ୍ତାକଡ଼ରେ ଏକ ନାଳ ରହିଛି। ଏହି ନାଳ ଉପରେ ଦୁଇ ଦୁଇ ଥର ପୋଲ ନିର୍ମାଣ ସରିଲାଣି। ମାତ୍ର କାର୍ଯ୍ୟାଳୟ ଗୃହ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବା ଜଣାପଡିଛି। ନିର୍ମାଣାଧୀନ ପ୍ରାଣୀ ଚିକିତ୍ସାଳୟ ଏବେ ଭୂତକୋଠୀ ପାଲଟିଛି। ଏଠାରେ ସନ୍ଧ୍ୟା ହେଲେ




ମଦ୍ୟପଙ୍କ ଆଡ୍ଡା ଜମୁଛି। ଦିନରେ ସେଠାରେ ଆଖପାଖ କଲେଜର ଛାତ୍ରୀଛାତ୍ର ଓ ଯୁବତୀଯୁବକ ସମୟ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅଭିଯୋଗ ହେଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରସାଶନ ଏହାର କାର୍ଯ୍ୟକାରୀତା ନେଇ ନିରବତା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ଜଣାଯାଇଛି ଯେ, ବରୀ-ମାଉଣ୍ଡ ବଜାର ଉପରେ ପ୍ରାଣୀ ଚିକିତ୍ସାଳୟଟି ଭଡ଼ାରେ ଚାଲିଛି। ମାସିକ ଏ ବାବଦରେ ପ୍ରାଣୀ ଚିକିତ୍ସା ବିଭାଗ ୨୪ଶହ ଟଙ୍କା ଭଡା ଗଣୁଛି। ନୂତନ ପ୍ରାଣୀ ଚିକିତ୍ସାଳୟକୁ ତୁରନ୍ତ ସମ୍ପୂର୍ଣ୍ଣ କରି ସ୍ଥାନାନ୍ତରିତ କରାଗଲେ ପ୍ରାଣୀ ଚିକିତ୍ସା ବିଭାଗକୁ ଆଉ ଭଡ଼ା ଗଣିବାକୁ ପଡିବ ନାହିଁ। ୬ ହଜାରୁ ଉର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ଏହି ଚିକିତ୍ସାକେନ୍ଦ୍ର ଏକମାତ୍ର ଭରସା ପାଲଟିଥିବାବେଳେ ନୂତନ ଘରକୁ ପ୍ରାଣୀ ଚିକିତ୍ସା କେନ୍ଦ୍ର ସ୍ଥାନାନ୍ତରିତ ନ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ପ୍ରାଣୀ ଚିକିତ୍ସା ଅଧିକାରୀ ସତ୍ୟସୁନ୍ଦର ରାଉତଙ୍କୁ ପଚାରିବାରୁ, ଚଳିତ ମାସ ଶେଷ ସୁଦ୍ଧା ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ନୂତନ ବର୍ଷ ଆରମ୍ଭରେ ତାହା ସ୍ଥାନାନ୍ତରିତ ହେବ ବୋଲି କହିଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ସ୍ମରଣିକା ଉନ୍ମୋଚନ

**ବରୀ,୨୯।୧୨(ସ୍ୱ.ପ୍ର):** ବରୀ ଅଞ୍ଚଳର ଆଦର୍ଶ ଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ ଉତ୍ସବ ସ୍ଥାନୀୟ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ପ୍ରାଧାପକ ମନୋରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାଧାପକ ମଳୟ କୁମାର ଜେନା ମୁଖ୍ୟ ଅତିଥି, ଅଧାପକ ପ୍ରଦୀପ୍ତ କୁମାର ମୁଦୁଲି, ସୁଧାଂଶୁ ଶେଖର ବାଗ୍ ପ୍ରମୁଖ ଯୋଗ ଦେଇଥିଲେ। ଜଗା ଶିଶୁ ସାହିତ୍ୟ ସଂସଦ ସମ୍ପାଦକ ଅଜୟ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଦଗ୍ଧା ନିର୍ଦ୍ଦେଶକ ଶରତ କୁମାର ଜେନା ଉତ୍ସବର ଅଭିମୁଖ୍ୟ ପ୍ରକାଶ କରିବା ସହ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଞ୍ଜୟ ମହାନ୍ତି, ଚୈତନ୍ୟ ଚରଣ ଜେନା, ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଡିସେମ୍ବର, ୨୦୧୯



ଭଗବାନ ଆମ ଅନ୍ତରରେ ପ୍ରଜ୍ଞା ଓ ବିବେକ ରୂପେ ବିରାଜିତ ରହିଛନ୍ତି। ଏହା ସହଜରେ ମନୁଷ୍ୟ ବୁଝିପାରେ ନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଯାତ୍ରୀଙ୍କ ବସିବା ପାଇଁ ବସ୍ ଷ୍ଟପରେ ପକାଇଲେ ବେଞ୍ଚ

**କୋରେଇ,୨୯।୧୨(ସ୍ୱ.ପ୍ର):** ପାଣିକୋଇଲି ୧୬ ଓ ୨୦ ନମ୍ବର ଜାତୀୟ ରାଜପଥର ସଂଯୋଗ ସ୍ଥଳ। ଏଠାରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଯାତାୟତ କରନ୍ତି। ମାତ୍ର ଗାଡିଗୁଡ଼ିକୁ ଅପକ୍ଷୋ କରି ରହୁଥିବା ଯାତ୍ରୀଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଯାତ୍ରୀମାନେ ବସିବା ପାଇଁ ବହୁ ଅସୁବିଧା ଭୋଗ କରନ୍ତି। ବିଶେଷ କରି ଭିନ୍ନକ୍ଷମ ଓ ମହିଳା ଯାତ୍ରୀ ବହୁ ଅସୁବିଧା ଭୋଗ କରନ୍ତି। ଏହାକୁ ଦେଖି ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦରେ ସାଥି ପକ୍ଷରୁ କଟକ, ବାଲେଶ୍ୱର ଓ ଯାଜପୁରରୋଡ ବସ୍ ଷ୍ଟପରେ ୬ଟି ସିମେଣ୍ଟ ବେଞ୍ଚ ପକାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯାଜପୁର ଏସ୍‌ପି ଚରଣ ସିଂହ ମୀନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟ ଧରଣୀଧର ଘଡାଇ, ପଥରପଦା ସରପଞ୍ଚ ପ୍ରକାଶ ମଲିକ, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ବାବାଜି କବି, ସୂର୍ଯ୍ୟମଣୀ ପଣ୍ଡା, ରଘୁନାଥ ମାଝୀ, ମଧୁସୂଦନ ସାହୁ, ବଳରାମ ସାହୁ, ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ସୂର୍ଯ୍ୟାସ୍ତ ପତ୍ରିକାର ବାର୍ଷିକୋତ୍ସବ
### ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ପାଠକ କମ୍

**ଧର୍ମଶାଳା,୨୯।୧୨(ଡିଏନ୍‌ଏ):** ଗ୍ରାମାଞ୍ଚଳରୁ ପ୍ରକାଶ ପାଉଥିବା ସୂର୍ଯ୍ୟାସ୍ତ ପତ୍ରିକାର ତ୍ରୟୋଦଶ ବାର୍ଷିକ ଉତ୍ସବ ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ ସେଣ୍ଟରଠାରେ ସଭାପତି ରାଜକିଶୋର ପାଢୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପୂର୍ବତନ ବିଧାୟକ ରବି ଲାବଣ୍ୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଦିଲିପ ବିଶୋଇ ଯୋଗଦେଇ କହିଲେ ଯେ, ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ପାଠକ ସଂଖ୍ୟା କମ୍। ଧର୍ମଶାଳାରୁ ୭ଟି ପତ୍ରିକା ପ୍ରକାଶ ପାଇ ଅନେକ ସାହିତ୍ୟିକ ଓ ଖବରଦାତା ସୃଷ୍ଟି କରିବା ସହ ବିଭିନ୍ନ ସମସ୍ୟା ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ବୈରାଗୀ ପଟ୍ଟନାୟକ ଯୋଗଦେଇ ଖବରଦାତା ଓ ସାହିତ୍ୟିକ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ନିରାକାର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ସୂର୍ଯ୍ୟାସ୍ତ ସମ୍ମାନରେ କବି ପ୍ରସନ୍ନ ବେଉରା, ଲୋପାମୁଦ୍ରା ଷଣ୍ଢ ଓ ବିବେକାନନ୍ଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରକିଶୋର ପାଢୀ ଶିଶୁ ସାହିତ୍ୟ ସମ୍ମାନରେ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ, ସୂର୍ଯ୍ୟାସ୍ତ ସ୍ୱତନ୍ତ୍ର ସାରସ୍ୱତ ସମ୍ମାନରେ ପ୍ରଫେସର ନୃସିଂହ ଷଡଙ୍ଗୀ,ବିକ୍ରମାଦିତ୍ୟ ଫାଉଣ୍ଡେଶନ ସମ୍ମାନରେ ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପତ୍ରିକାର ବିଶେଷ ସଂଖ୍ୟା ନବଘନ ଜେନାଙ୍କ ପ୍ରବନ୍ଧ ସଂକଳ୍ପ 'ସମୀକ୍ଷା' , ବିଦ୍ୟୁତଲତା ଦାସଙ୍କ କବିତା 'କଲ୍ଲୋଳିନୀ', ରାଜକିଶୋର ପାଢୀଙ୍କ ସଂକଳନ 'ରଚନା ଆଲୋଚନା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ବିବେକାନନ୍ଦ ରାୟ ସୂଚନା ପ୍ରଦାନ କରିଥିବା ବେଳେ ବାର୍ତ୍ତା ସମ୍ପାଦିକା ସସ୍ମିତା ଦାଶ ବିବରଣୀ ପାଠ କରିଥିଲେ। ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନବଘନ ଜେନା ଧନ୍ୟବାଦ ଦେଇଥିଲେ।

# ବର୍ଷେ ପୂରିଲା, ବାଜିଲାନି ନିର୍ବାଚନୀ ବିଗୁଲ

**ଯାଜପୁର, ବ୍ୟାସନଗର ପୌରାଞ୍ଚଳ**
- ପ୍ରଶାସନିକ କାର୍ଯ୍ୟକାଳକୁ ବର୍ଷେ ପୂରିଲା
- ନେତା ବାଛିବାରୁ ସହରବାସୀ ବଞ୍ଚିତ

**ଯାଜପୁର ଅଫିସ,୨୯।୧୨**

ପୌର ପରିଷଦ କାର୍ଯ୍ୟକାଳ ଶେଷ ହେବାର ଏକ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଇତିମଧ୍ୟରେ ପୌର ପରିଷଦରେ ପ୍ରଶାସନିକ ନିଯୁକ୍ତିକୁ ମଧ୍ୟ ଏକ ବର୍ଷ ପୂରିଛି। ମାତ୍ର ନିର୍ବାଚନ ପାଇଁ କୌଣସି ପ୍ରସ୍ତୁତି ହୋଇନାହିଁ। ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇ ପଡିଥିବାବେଳେ ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ସାଧାରଣ ନିର୍ବାଚନ ପରେ ପୌର ପରିଷଦରେ ନିର୍ବାଚନ ହେବା ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ସହରବାସୀ ଓ ଶିକ୍ଷିତ ଭୋଟ ଭାଜପା ସପକ୍ଷରେ ଯାଇଥିବା ଜାଣି ପୌର ନିର୍ବାଚନକୁ ପୁଣି ଘୁଞ୍ଚେଇ ଦିଆଯାଇଥିବା ଚର୍ଚ୍ଚା ହୋଇଥିଲା। ଇତିମଧ୍ୟରେ ଭୋଟରଙ୍କ ମାନସିକତାରେ ସ୍ୱାଭାବିକ ପରିସ୍ଥିତି ଫେରି ଆସିଥିବା ଆଶା ରଖି ନିକଟରେ ନିର୍ବାଚନ ହେବ ବୋଲି ଶୁଣିବାକୁ ମିଳିଥିଲା। କିନ୍ତୁ ଏଯାବତ୍ ଏନେଇ କୌଣସି ନିର୍ବାଚନୀ ବିଗୁଲ ନ ବାଜିବାରୁ ନିକଟ ଭବିଷ୍ୟତରେ ନିର୍ବାଚନ ହେବାର ଆଶା କରାଯାଉ ନାହିଁ। ଏଥିଯୋଗୁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ବୋଝ ବୃଦ୍ଧି ପାଇଥିବାରୁ ସହରର ବିକାଶ ପରାହତ ହେଉଥିବା ଲକ୍ଷ୍ୟ କରାଯାଇଛି। ଯାଜପୁର ଜିଲାର ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ୨୦୧୮ ଡିସେମ୍ବରରେ ଶେଷ ହୋଇଛି। ଇତିମଧ୍ୟରେ ପ୍ରଶାସନିକ ନିଯୁକ୍ତି ମଧ୍ୟ ୧୨ମାସ ଅତିକ୍ରାନ୍ତ ହୋଇଛି। କିନ୍ତୁ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ଏଯାଏ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଯାଜପୁର ଜିଲାର କୋରେଇ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ୨୬ଟି ୱାର୍ଡ ବିଶିଷ୍ଟ ବ୍ୟାସନଗର ପୌର ପରିଷଦରେ ଗତ ୫ବର୍ଷ ମଧ୍ୟରେ ବିଜେଡି ଶାସନ ଛକାପଞ୍ଝା ମଧ୍ୟରେ ଗତି କରିଥିଲା। ତେବେ ବିଧାନସଭାରେ ବିଜେଡିର ଅଶୋକ ବଳ ବିଧାୟକ ନିର୍ବାଚିତ ହେବା ପରେ ବିଜେଡିରେ ରହିଥିବା ଗୃହଯୁଦ୍ଧ ଶେଷ ହୋଇପାରେ ବୋଲି ଆଶା କରାଯାଉଛି। ୨୦୧୩ ପୌର ନିର୍ବାଚନରେ ସବିତା ରାଉତ ଅଧ୍ୟକ୍ଷା ହୋଇପାରିଥିଲେ। କିନ୍ତୁ ୫ବର୍ଷରେ କେବଳ ଶେଷ ୨ବର୍ଷ ମଧ୍ୟରେ ବ୍ୟାସନଗର ପୌରାଧ୍ୟକ୍ଷା ରାଉତଙ୍କ ବିରୋଧରେ ୩ଥର ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏହି ଅନାସ୍ଥା ନାଟକରେ ସହରର ବିକାଶ ମଧ୍ୟ ବଳି ପଡିଥିଲା। ୨୦୧୮ ଜୁଲାଇ ୨୯ରେ ଶେଷଥର ପାଇଁ ଅନାସ୍ଥା ହୋଇଥିଲା। ମାତ୍ର ୧୨ମାସ ମଧ୍ୟରେ ୩ଟି ଅନାସ୍ଥାକୁ ସାମ୍ନା କରୁଥିବା ପୌରାଧ୍ୟକ୍ଷା ରାଉତ ନିଜ ପରାକାଷ୍ଠା ଦେଖାଇ ଆଇନର ଲଢେଇରେ ବିଜୟୀ ହୋଇଥିଲେ। ଅଥଚ ଦଳ ବିରୋଧି କାର୍ଯ୍ୟ ଅଭିଯୋଗରେ ପୌରାଧ୍ୟକ୍ଷା ରାଉତ ବିଜେଡିରୁ ନିଲମ୍ବିତ ହୋଇଥିଲେ। ତେବେ ଗତ ସାଧାରଣ ନିର୍ବାଚନରେ ରାଉତଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିଲା। ତେବେ ସହରବାସୀଙ୍କ ସ୍ୱାର୍ଥକୁ ପଛରେ ପକାଇ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବା ନେଇ ସହରବାସୀଙ୍କ ମଧ୍ୟରେ ସେତେବେଳେ ଆଲୋଚନା ଜୋର ଧରିଥିଲା। ପାରିଷଦଙ୍କ ମନବୃତ୍ତିକୁ ବଦଳାଇବାରେ ନେତୃତ୍ୱ ସକ୍ଷମ ହୋଇ ପାରି ନ ଥିଲା। କୌଣସି ପାରିଷଦଙ୍କୁ ନିୟନ୍ତ୍ରଣ କରିବା ବଦଳରେ ବିଜେଡି ନେତୃତ୍ୱ ନୀରବ ରହିବା ପସନ୍ଦ କରିଥିଲେ। ତେଣୁ ବ୍ୟାସନଗର ପୌର ନିର୍ବାଚନ ହେଲେ ଏଥର ପଟ ପରିବର୍ତ୍ତନ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଯାଜପୁର ସହରରେ ରାସ୍ତାଘାଟ ଓସରିଆ ହେବା ସହିତ କେତେକ ପର୍ଯ୍ୟଟନସ୍ଥଳର ବିକାଶ ହୋଇଛି। ହେଲେ ନିମ୍ନମାନର କାର୍ଯ୍ୟର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏଠାରେ ମଧ୍ୟ ପୌର ନିର୍ବାଚନରେ ବିଜେଡିକୁ ସେତେଟା ସହଜ ହେବନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ପୌର ନିର୍ବାଚନ ଯେତେ ବିଳମ୍ବ ହେଉଛି, ଶାସକ ବିଜେଡି ସେହି ଅନୁପାତରେ ଆସ୍ଥା ହରାଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପ୍ରଶାସନ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ, ପୌର ନିର୍ବାଚନ ହେବା ନେଇ ସରକାରଙ୍କ ପକ୍ଷରୁ ଏଯାଏ କୌଣସି ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ହେବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଶୀତକାଳୀନ ଶିବିର ଉଦ୍‌ଯାପିତ

**ଧର୍ମଶାଳା, ୨୯।୧୨ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ବଳରାମପୁର ମୁକୁନ୍ଦପାତ୍ର କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଟିକର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ କନ୍ତପଡାଠାରେ ଅନୁଷ୍ଠିତ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଶନିବାର ଉଦଯାପିତ ହୋଇଯାଇଛି। ଏନଏସ୍‌ଏସ୍‌ର ପ୍ରୋଗାମ ଅଫିସର ତଥା ଅଧ୍ୟାପକ ବିଭୂତି ଭୂଷଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବରରେ ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସ୍ୱେଚ୍ଛାସେବୀମାନେ କନ୍ତପଡ଼ା ଗ୍ରାମରାସ୍ତା, କଲେଜ ପରିବେଶ ସଫେଇ ଓ ଜନ ସଚେତନତା କାର୍ଯ୍ୟକ୍ରମ ଆଦି କରିଥିଲେ। ଅଧ୍ୟାପକ ଅରୁଣ କୁମାର ନାୟକ, ଅଭିମନ୍ୟୁ ସାହୁ, ସୁଶାନ୍ତ କୁମାର ଭୋଇ, ପ୍ରଦୀପ କୁମାର ମିଶ୍ର, ମନୋଜ କୁମାର ଧୀର, ଗୋକରେଶ୍ୱର ବେହେରା ଓ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଦୁର୍ଗାଚରଣ ଗାଦୋରାଇ ପ୍ରମୁଖ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

## 'ବରିଷ୍ଠ ନାଗରିକଙ୍କ ପ୍ରେରଣା ସମସ୍ତଙ୍କ ପାଇଁ ଉପାଦେୟ'




ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଯାଜପୁର ଟାଉନ,୨୯।୧୨ (ଡିଏନଏ)**

ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଯାଜପୁର ଥାନା ପକ୍ଷରୁ ପୂର୍ବତନ ପୌର ଉପାଧ୍ୟକ୍ଷ ତଥା ସମାଜସେବୀ ସନ୍ତୋଷ ମଲ୍ଲିକଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ଚରଣ ସିଂହ ମୀନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଥାନା ଅଞ୍ଚଳରେ ଥିବା ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଉଛି। ଯେଉଁ ବରିଷ୍ଠ ନାଗରିକ ଏକାକୀ ରହୁଛନ୍ତି ସେମାନଙ୍କ ପ୍ରତି ପୋଲିସ ଗୁରୁତ୍ୱ ଦେବା ସହ ବିଭିନ୍ନ ସମ୍ପର୍କରେ ପଚାରି ବୁଝୁଛି ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକଙ୍କ ସୁଚିନ୍ତିତ ମତାମତ ଗ୍ରହଣ କରାଯାଉଛି। ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ସମସ୍ତ ଥାନାର ଅଧିକାରୀଙ୍କୁ କୁହାଯାଇଛି ବୋଲି ଏସ୍‌ପି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବଟକୃଷ୍ଣ ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ପ୍ରେରଣା ଆମ ସମସ୍ତଙ୍କ ପାଇଁ ଉପାଦେୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ କମିଟିର ସଭାପତି ପ୍ରଫୁଲ୍ଲ ସାମଲ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ପ୍ରତି ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ କମିଟିର ସାଧାରଣ ସମ୍ପାଦକ ପ୍ରବୋଧ କୁମାର ନାୟକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ବିଷୟ ପ୍ରତି ଆଲୋକପାତ କରିଥିଲେ। ଏହି ପରିଚୟ ପ୍ରଦାନ ଉତ୍ସବରେ ସାଧୁଚରଣ ଶତପଥୀ, ସୁରେନ୍ଦ୍ର ଶତପଥୀ, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ପାଣ୍ଡବ ଚରଣ ସାହୁ, ପରମାନନ୍ଦ ନାୟକ, ଚୌଧୁରୀ ନାରାୟଣ ମହାପାତ୍ର, କନକଲତା ମେକାପ, ଗୌରିପ୍ରିୟା ଦେବୀ, ବିଶ୍ୱମ୍ଭର ମିଶ୍ର ସମେତ ୬୫ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଏସଆଇ ମାନସ ରଞ୍ଜନ ଚକ୍ର, କନେଷ୍ଟବଳ ବିଶ୍ୱକଲ୍ୟାଣୀ ଜେନା, ନିର୍ମଳା ରାଉତ, ପ୍ଲାଗୁନ କମାଣ୍ଡର ଉମାକାନ୍ତ ରାଉତ, ସୋମନାଥ ନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

**କୋରେଇ,୨୯।୧୨(ସ୍ୱ.ପ୍ର)**

ପାଣିକୋଇଲି ପୋଲିସ ପାଟ୍ରୋଲିଂ ସମୟରେ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମଦ ଜବତ କରିଛି। ବେଆଇନଭାବେ ଚୋରା ମଦ କାରବାର ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ହନୁମାନ ମନ୍ଦିର ନିକଟରେ ବିହାର ରାଜ୍ୟରୁ ଆସି ଦୋକାନ କରିଥିବା ସୁବାସ ଯାଦବ ମଦ ବିକ୍ରି କରୁଥିବାବେଳେ ଧରା ପଡିଥିଲେ। ତାଙ୍କ ନିକଟରୁ ୧୩ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏନେଇ ଏକ ମାମଲା ୨୫୭/୧୯ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ବରୀ,୨୯।୧୨(ସ୍ୱ.ପ୍ର)**

ବରୀ ବ୍ଲକ ଅଧୀନ କିମ୍ଭିରିଆପାଳ ପଞ୍ଚାୟତ ଭଳି ନୂଆଗାଁସ୍ଥିତ ନବଭାରତୀ ବିଦ୍ୟା ଭବନରେ ୧୯୮୯ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ପରମାନନ୍ଦ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ବନ୍ଧୁମିଳନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୁରୁ ବନ୍ଦନା କରି ପୂଜାର୍ଚ୍ଚନା କରିବା ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଚରଣ ସାହୁ ମଞ୍ଚ ସଞ୍ଚାଳନ କରିଥିଲାବେଳେ ପୁରାତନ ଛାତ୍ରୀଛାତ୍ରମାନେ ଅତୀତର ସ୍ମୃତିକୁ ମନେପକାଇ ନିଜ ନିଜ ଭିତରେ ଭାବ ବିନିମୟ କରିଥିଲେ। ଏହି ବ୍ୟାଚ୍‌ର ୪ଜଣ ଦିବଙ୍ଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଣତି ଷଡଙ୍ଗୀ, କାଳନ୍ଦି ସେଠୀ, ଭାରତୀ ସାହୁ, ନିରଞ୍ଜନ ଭୂୟାଁ, ପ୍ରସାଦ ସାହୁ, ହରେକୃଷ୍ଣ ସାହୁ, ପ୍ରମୋଦ ସାହୁ, ସୁଶାନ୍ତ କର, ଚକ୍ରଧର ସାହୁ, ରମେଶ କର, ମଞ୍ଜୁଲତା ଦାସ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## 'ସାହିତ୍ୟ ସମାଜକୁ ସଂସ୍କାରିତ କରିବାରେ ସହାୟକ ହୁଏ'

**ସାହିତ୍ୟ ସଂଗଠନ 'ଯୁଗଜ୍ୟୋତି'ର ବାର୍ଷିକ ଉତ୍ସବ**

**ରସୁଲପୁର,୨୯।୧୨(ଡିଏନଏ)**

ସାହିତ୍ୟ ସମାଜକୁ ସଂସ୍କାରିତ କରିବାରେ ସହାୟକ ହୁଏ। ସାହିତ୍ୟିକଙ୍କ ସାଧାନାରେ ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର, ଅସମାଜିକ କାର୍ଯ୍ୟକଳାପ ଦୂର ହେବା ସହ ସମାଜକୁ ସୁପଥରେ ଆଗେଇ ନେଇଥାଏ ବୋଲି ଯାଜପୁର ଜିଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଯୁଗଜ୍ୟୋତି'ର ୪୪ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଏହି ବ୍ଲକ କୁଆଖିଆ ବଜାରର ସାରଙ୍ଗପୁର ମେଲଣପଡିଆର କୁଆଖିଆ ମହୋତ୍ସବ ମଞ୍ଚରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ହାଡିବନ୍ଧୁ ରଣା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଉଚ୍ଚ ନ୍ୟାୟାଳୟ ବିଚାରପତି ଅକ୍ଷୟ କୁମାର ମିଶ୍ର, ମୁଖ୍ୟବକ୍ତା ଓଡିଶା ହାଇକୋର୍ଟ ବାର ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ମାନିତ ଅତିଥିରୂପେ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ, ଶ୍ରମିକ ନେତା ସୌରୀବନ୍ଧୁ କର, ପରିବେଶବିତ୍ ଗୋପିନାଥ ପତି, ଲକ୍ଷ୍ମୀନାରାୟଣ ପୂଜାକମିଟି ସଭାପତି ବନୋଜ କୁମାର ସ୍ୱାଇଁ, ସମାଜସେବୀ ପ୍ରହ୍ଲାଦ ପଣ୍ଡା, ସମ୍ପାଦକ କାଳନ୍ଦି ଚରଣ କଣ୍ଡ, ବରିଷ୍ଠ ସଭ୍ୟ ବୈଦେହନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ଯୁଗଜ୍ୟୋତି'କୁ ଉନ୍ମୋଚନ କରାଯାଇଥିଲା। ଅତିଥିମାନେ ପୂଜ୍ୟପୂଜାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୋଗରତ୍ନ ବିଜୟ କୁମାର ଦାଶ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, ଶ୍ୟାମସୁନ୍ଦର ପଣ୍ଡାଙ୍କୁ ଶିକ୍ଷକ 'ବନମାଳୀ ନାୟକ ସ୍ମୃତି ସମ୍ମାନ-୨୦୧୯' ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ବନ୍ଧୁ ବେହେରାଙ୍କୁ ଶିକ୍ଷକ 'ନାରାୟଣ ଚନ୍ଦ୍ର ନାୟକ ସ୍ମୃତି ସମ୍ମାନ-୨୦୧୯'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ଅଧିବେଶନରେ ନୂତନ ବର୍ଷ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ପାଣ୍ଡବ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ୨୫ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତାପାଠ କରିଥିଲେ। କୁଆଖିଆ ସତ୍ୟସାଇ ସଂଗଠନର ସଭ୍ୟମାନେ ବେଦପାଠ କରିଥିଲେ। ସଂଗୀତକାର ପୀତବାସ କର ଓ ସହଯୋଗୀମାନେ ଉତ୍କଳ ସଂଗୀତ ଗାନ କରିଥିଲେ।

## ୩ୟ ବାର୍ଷିକ ମା' ତାରିଣୀ କପ୍: ଓଆଇଏସ୍‌ଏଫ୍ ଚାମ୍ପିୟନ

**କାଳିଆପାଣି,୨୯।୧୨(ଡିଏନଏ)**

ଖଣି ନିଗମ କଲୋନୀ ପରିସରରେ ରବିବାର ଅନୁଷ୍ଠିତ ୩ୟ ବାର୍ଷିକ ମା' ତାରିଣୀ କ୍ରିକେଟ୍ କପ୍ ଟୁର୍ନାମେଣ୍ଟରେ ମା' ତାରିଣୀକୁ ହରାଇ ଓଆଇଏସ୍‌ଏଫ୍ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଦିନିକିଆ ଟୁର୍ନାମେଣ୍ଟରେ ୪ଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ ଓଆଇଏସ୍‌ଏଫ୍ ସହିତ କାଳିଆପାଣି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ ବଡ଼କାଠିଆ ସହିତ ମା' ତାରିଣୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ଓଆଇଏସଏଫ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ମା' ତାରିଣୀ ଦଳ ବିଜୟୀ ହୋଇଥିଲା। ଓଆଇଏସ୍‌ଏଫ୍ ଓ ମା' ତାରିଣୀ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ମା' ତାରିଣୀ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୮୪ରନ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଓଆଇଏସ୍‌ଏଫ୍ ଦଳ ୧୨ ଓଭର ଶେଷ ବଲରେ ୫ ୱିକେଟ ହରାଇ ୮୫ ରନ୍ କରି ମ୍ୟାଚକୁ ଜିତି ନେଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଓଆଇଏସ୍‌ଏଫ୍ ଦଳର ଶଶାଙ୍କ ଦାସ ବିବେଚିତ ହୋଇଥିବାବେଳେ ମଦନ ମଲ୍ଲିକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଶ୍ରମିକନେତା ନାରାୟଣ ଚନ୍ଦ୍ର ଧର ଓ ଉତ୍କଳ ସମ୍ବାଦିକ ସଂଘ ଜିଲା ସଭାପତି ବିଶ୍ୱଜିତ ନାୟକ, ଅବସରପ୍ରାପ୍ତ ଓଡ଼ିଶା ଖଣି ନିଗମ ବିଦ୍ୟୁତ ପରିଚାଳକ ପ୍ରତାପ କିଶୋର ନାୟକ ପ୍ରମୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିବାବେଳେ ଅପରାହ୍ନରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧର,ଗୋପ ଦାସ, ଗୋପାଳ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ବୈରୀ ପୋଲିସ ଦ୍ୱାରା ଦୁଇ ପାୱାରଟିଲର ଜବତ

**ଛତିଆ,୨୯।୧୨(ଡିଏନଏ)**

ବୈରୀ ଖଟିଆଠାରେ ଶନିବାର ରାତି ମାଙ୍କଡ଼ା ଖାଦାନରେ ମାଙ୍କଡା କଟାଯାଉଥିବାବେଳେ ବୈରୀ ପୋଲିସ ଚଢ଼ାଉ କରି ଦୁଇ ପାୱାରଟିଲର ଜବତ କରିଛି। ପ୍ରକାଶ ଯେ, ବୈରୀ ଥାନା ଅଞ୍ଚଳରେ ବେଆଇନ୍‌ଭାବେ ମାଙ୍କଡା ଖନନ କରାଯାଉଥିବା କୌଣସି ସୂତ୍ରରୁ ବୈରୀ ଥାନାଧିକାରୀ ଦୀପକ କୁମାର ଗୋଚ୍ଛାୟତ୍ ସୂଚନା ପାଇ ଶନିବାର ରାତିରେ ବୈରୀସ୍ଥିତ ଝଟିଆରେ ମାଙ୍କଡ଼ା ଖାଦନ ଉପରେ ଏଏସ୍ଆଇ ବିଶ୍ୱଜିତ୍ ବିଶ୍ୱାଳ, ଅନୀଲ ସାହୁ, ହାବିଲଦାର ପ୍ରମୋଦ କୁମାର ସାହୁ, କନେଷ୍ଟବଳ ସୁଶାନ୍ତ କୁମାର ରାଉତରାୟ, ପିତାମ୍ବର ମହାନ୍ତି ପ୍ରମୁଖ ଅତର୍କିତଭାବେ ଚଢ଼ାଉ କରିଥିଲେ। ମାତ୍ର ମାଫିଆମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ୨ଟି ପାୱାର ଟିଲର ଜବତ କରାଯାଇ ଥାନାକୁ ଅଣାଯାଇଥିଲା।

## ଉଦୟବଟ ପକ୍ଷରୁ ବିବିଧ ପ୍ରତିଯୋଗିତା

**ଯାଜପୁର ଅଫିସ,୨୯।୧୨**

ଉଦୟବଟ ତରଫରୁ କୋରେଇର ପୂର୍ବତନ ବିଧାୟକ ଅଶୋକ ଦାସଙ୍କ ୧୧ତମ ବାର୍ଷିକ ତିରୋଧାନ ଦିବସ ପାଳନ ଅବସରରେ ଶନିବାର ସ୍ଥାନୀୟ ଦୁର୍ଲ୍ଲଭ କଳା ପରିଷଦ ମଣ୍ଡପଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଦିନିକିଆ ନୃତ୍ୟ, ଗୀତ, ଅଭିନୟ, ଚିତ୍ରାଙ୍କନ, ବାଦ୍ୟ ଯନ୍ତ୍ର ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦୟବଟ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ନିହାର ରଞ୍ଜନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ତଥା ଯାଜପୁର ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ମୁଖ୍ୟ ଅତିଥି, ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ ମୁଖ୍ୟବକ୍ତା, ଅବସରପ୍ରାପ୍ତ ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ଜମ୍ବନାଥ ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୂର୍ବତନ ବିଧାୟକ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକଭାବେ ବସନ୍ତ ପାତ୍ର, ପ୍ରଦୀପ ବାରିକ, ସୁରେନ୍ଦ୍ର ସାହୁ, ଦୀପକ ସେନଗୁପ୍ତା, ଜ୍ୟୋତିର୍ମୟୀ ପାଣି, ବ୍ରଜେଶ୍ୱରୀ ସିଂ, ଦୀପକ ପାଣିଗ୍ରାହୀ, ବିଦ୍ୟୁତ୍‌ପ୍ରଭା ରାୟ, ଅର୍ଣ୍ଣପୂର୍ଣ୍ଣା ରାୟ, ବିଜୟଲକ୍ଷ୍ମୀ ପଣ୍ଡିତ, ଲମ୍ବୋଦର ମଲ୍ଲିକ, ଜୟଶ୍ରୀ ମଲ୍ଲିକ, ସୌଭାଗ୍ୟ ମୁଦୁଲି, ଦେବେନ୍ଦ୍ର ମଲ୍ଲିକ, ସୁମିତ୍ରା ମିଶ୍ର, ପ୍ରଫୁଲ୍ଲ ବାରିକ, ଅଭିଷେକ ମଲ୍ଲ, ସୁମନ ରାୟ ପ୍ରମୁଖ ଯୋଗ ଦେଇଥିଲେ। ରବିବାର ସ୍ଥାନୀୟ ଦୁର୍ଲ୍ଲଭ କଳା ପରିଷଦ ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଉଦୟବଟର ୧୬ତମ ବାର୍ଷିକୋତ୍ସବ ପାଳନ ଓ ସ୍ୱର୍ଗତ ଦାସଙ୍କ ୧୧ତମ ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।



ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

### ପ୍ରଥମାଖଣ୍ଡ ପଞ୍ଚାୟତରେ କାମରେ ଆସୁନି ୫-ଟି
# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ

**ରସୁଲପୁର,୨୯।୧୨(ଡିଏନଏ)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ପାତର ଅନ୍ତର ହେଉଥିବା ନେଇ ଅଭିଯୋଗ ହେଉଛି। ଏହି ପଞ୍ଚାୟତରେ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ମଧୁବାବୁ ପେନସନ ଯୋଜନା ଜରିଆରେ ଭତ୍ତା ପ୍ରଦାନ ପାଇଁ ହିତାଧିକାରୀ ଚୟନ କରିବା ସମୟରେ ଆଇନକୁ ଅଣଦେଖା କରାଯାଉଛି। ବୟସ୍କଙ୍କୁ ଚୟନ ପ୍ରକ୍ରିୟାରୁ ବାଦ୍ ଦିଆଯାଇ କମ୍ ବୟସର ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଉଛି ବୋଲି ପଞ୍ଚାୟତରୁ ଏକାଧିକ ବୃଦ୍ଧାବୃଦ୍ଧ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ସୋମବାର କୋରେଇ ବ୍ଲକରେ ଯାଜପୁର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏଭଳି ଅଭିଯୋଗ ହୋଇଛି। ଏହା ପୂର୍ବରୁ ସେ ସ୍ଥାନୀୟ ସରପଞ୍ଚ, ରସୁଲପୁର ବିଡିଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଅନେକ ଥର ଭତ୍ତା ଫର୍ମ ଦେଇଆସୁଥିଲେ ହେଁ ସେମାନଙ୍କ ନାଁ ହିତାଧିକାରୀ ତାଲିକାରେ ଚଢି ଶେଷ ମୁହୂର୍ତ୍ତରେ ତାଲିକାରୁ ବାଦ୍ ଦିଆଯାଉଛି ବୋଲି ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତ ଦାମୋଦରପୁର ଗ୍ରାମର ଫକୀର ମଳିକ(୬୩), ଭାସ୍କର ମଳିକ(୬୪), ପ୍ରଥମଖଣ୍ଡ ଗ୍ରାମର ଦୁର୍ଯ୍ୟୋଧନ ଗନ୍ତାୟତ (୬୮), ରଙ୍ଗାଧର ଜେନା(୬୪), ବିଷ୍ଣୁଚରଣ ସ୍ୱାଇଁ (୬୨), ରାଧୁ ବରାଳ(୬୨), ସାବିତ୍ରୀ ସ୍ୱାଇଁ (୬୨), ବୃନ୍ଦାବନ ସାମଲ(୬୨), ବେଣୁଧର ମହାନ୍ତି (୬୨)ଙ୍କ ସମେତ ଏକାଧିକ ହିତାଧିକାରୀ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରର ସଦସ୍ୟ ଅଟନ୍ତି। ନିୟମାନୁଯାୟୀ, ଏହି ବର୍ଗର ସଦସ୍ୟଙ୍କୁ ସରକାରୀ ସହାୟତା ପ୍ରଦାନରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ। ମାତ୍ର ଏଠାରେ ନିୟମକୁ ଖୋଲା ଉଲ୍ଲଂଘନ କରାଯାଉଛି। ବ୍ଲକରୁ ସେମାନଙ୍କ ଫର୍ମକୁ ହଜାଇ ଦିଆଯାଉଛି। ଚୟନ ତାଲିକାରେ ନାମ ଚଢିଥିବାବେଳେ ଭତ୍ତା ମଞ୍ଜୁର ହୋଇ ଆସିଲା ବେଳକୁ ସେମାନଙ୍କ ନାଁ ନ ଥିବା ଦେଖାଯାଉଛି। ଭତ୍ତା ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ। ଭତ୍ତା ପାଇବା ପାଇଁ ବୟସ ସୀମା ୬୦ବର୍ଷ ହୋଇଥିବାବେଳେ ହାରାହାରି ୨ରୁ ୮ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିଥିବା ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ମିଳିପାରୁ ନାହିଁ। ତେଣୁ ସରକାରଙ୍କ ୫-ଟି କେଉଁ କାମକୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅଭିଯୋଗପତ୍ର ରସୁଲପୁର ବ୍ଲକକୁ ପଠାଇ ଦିଆଯାଇଛି। ଉକ୍ତ ଫର୍ମଗୁଡିକୁ ଯାଞ୍ଚ କରାଯିବା ସହ ତୁରନ୍ତ ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଛି।

# ପେଣ୍ଠ ବେଳାଭୂମି ଏବେ ପର୍ଯ୍ୟଟକଙ୍କ ଆକର୍ଷଣ

ରାଜନଗର,୨୯।୧୨(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ପେଣ୍ଠ ବେଳାଭୂମି ଏବେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯାଏଁ ଏଠାରେ ପର୍ଯ୍ୟଟକଙ୍କ ଗହଳି ଚହଳି ଲାଗି ରହୁଛି। ଆଜି ଯାଏଁ ପେଣ୍ଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳି ପାରିନାହିଁ। ଏଠାକାର ନିର୍ଜନ ବେଳାଭୂମିରେ ପର୍ଯ୍ୟଟକମାନେ ସମୁଦ୍ର ସ୍ନାନର ମଜା ନେବା ସହ ବଣଭୋଜି କରିଥାନ୍ତି। ଏଠାରେ ଥିବା ଝାଉଁ ଜଙ୍ଗଲ, ଜିଓ ଟ୍ୟୁବ୍, ସମୁଦ୍ରରେ ଡଲଫିନ୍‌ଙ୍କ ଜଳକ୍ରୀଡା, ରଙ୍ଗ ବେରଙ୍ଗର ଦେଶୀ ଓ ବିଦେଶୀ ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କୁ ଭରପୁର ଆନନ୍ଦ ଦେଇଥାଏ। ପୁରୀ, ଚନ୍ଦ୍ରଭାଗା, ଗୋପାଳପୁର ପରି ସବୁ ପ୍ରକାର ସୌନ୍ଦର୍ଯ୍ୟ ଥାଇ ଅଲୋଡା ହୋଇ ରହିଯାଇଛି କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ପେଣ୍ଠ ବେଳାଭୂମି। ଏହି ବେଳାଭୂମିର ଗୋଟିଏ ପଟେ ବରୁଣେଇ ମୁହାଁଣ ଥିବା ବେଳେ ଅପରପାର୍ଶ୍ୱରେ ରହିଛି ଭିତରକନିକା ଜାତୀୟ ଉଦ୍ୟାନ । ଦୀର୍ଘ ୩ କିଲୋମିଟର ବ୍ୟାପି ବିସ୍ତୀର୍ଣ୍ଣ ପେଣ୍ଠ ବେଳାଭୂମିରେ ନାଲି କଙ୍କଡା ଚାଲିବାର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେହିପରି ସମୁଦ୍ରରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଜଳକ୍ରୀଡା ଓ ବେଳାଭୂମିରେ ଅଣ୍ଡା ଦେବାର ବିରଳ ଦୃଶ୍ୟ ଏଠାରେ ଦେଖିବାକୁ ମିଳେ। ଏହାଛଡା ଏଠାରେ ୫ ପ୍ରକାରର


ବେଳାଭୂମିରେ ପର୍ଯ୍ୟଟକ।

ଡଲଫିନ୍ ଦେଖିବାକୁ ମିଳିଥାଏ। ଚିଲିକା ଓ ପୁରୀରେ ଦୁଇ ପ୍ରକାରର ଡଲଫିନ୍ ଦେଖିବାକୁ ମିଳୁଥିବା ବେଳେ ଏଠାରେ ୫ ପ୍ରକାର ଡଲଫିନ୍ ଦେଖିବାକୁ ମିଳିଥାଏ। ବରୁଣେଇ ମୁହାଁଣ ଓ ପେଣ୍ଠ ବେଳାଭୂମି ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ। ଏଥିପାଇଁ ପର୍ଯ୍ୟଟନ ଋତୁରେ ହଜାର ହଜାର ପର୍ଯ୍ୟଟକ ଦଳ ଦଳ ହୋଇ ଏଠାକୁ ବୁଲି ଆସଥାନ୍ତି । ବରୁଣେଇ ମୁହାଣରୁ ପେଣ୍ଠ ଯାଏଁ ପୂର୍ବରୁ ବିସ୍ତୀର୍ଣ୍ଣ ହେନ୍ତାଳ ବଣ ଥିଲା। ସମୟ କ୍ରମେ ସମୁଦ୍ରର କରାଳ ଗ୍ରାସରେ ସେଗୁଡିକ ବିଲୀନ ହୋଇଯାଇଛି। ସେହି ସ୍ଥାନରେ ବନବିଭାଗ ପକ୍ଷରୁ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଛି। ଏହି ଝାଉଁ ଜଙ୍ଗଲ ସହ ଅନ୍ୟାନ୍ୟ ବିରଳ ଜାତୀୟ ବୃକ୍ଷ ଏଠାରେ ଦେଖିବାକୁ ମିଳେ। ଏହି ଜଙ୍ଗଲରେ ଜଙ୍ଗଲୀ ବାର୍‌ହା, ହରିଣ, ଗଧିଆଙ୍କ ସମେତ ଦେଶୀ ଓ ବିଦେଶୀ ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ।

ସେହିପରି ନଦୀ ଓ ସମୁଦ୍ରର ସଙ୍ଗମସ୍ଥଳ ବରୁଣେଇ ମୁହାଣ ବେଶ ଉପଭୋଗ୍ୟ। ଏହି ସ୍ଥାନରେ ମିଳିତ ସ୍ରୋତ ପ୍ରବାହିତ ହେଉଥିବାରୁ ସମୁଦ୍ର ଏଠାରେ ଶାନ୍ତ ଥିବା ଲକ୍ଷ୍ୟ କରାଯାଏ। ବରୁଣେଇ ମୁହାଣ ଠାରୁ ୬ କି.ମି. ସମୁଦ୍ର ପଥରେ ଯାତ୍ରା କଲେ ରହିଛି ଅଗରନାସୀ ଦ୍ୱୀପ। ଏହି ଦ୍ୱୀପରେ କୌଣସି ଜନବସତି ନ ଥିବା ବେଳେ ବନବିଭାଗ ଅଫିସର କ୍ୟାମ୍ପ ଓ ଏକ ନଳକୂପ ରହିଛି। ଝାଉଁ ବୃକ୍ଷରେ ପରିପୂର୍ଣ୍ଣ ଏହି ଦ୍ୱୀପ ଏବେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ନିରାପଦ ସ୍ଥାନ। ସେହିପରି ବରୁଣେଇ ମୁହାଣ ଓ ପେଣ୍ଠ ନିକଟରେ ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟ ଅତୀବ ଚମତ୍କାର। ଏଠାରେ ଥିବା ପେଣ୍ଠ ଗାଁକୁ ବଙ୍ଗୋପସାଗର ଖାଇ ଚାଲିବା ଦେଖି ଏହି ସ୍ଥାନରେ ନିର୍ମାଣ କରାଯାଇଛି ଜିଓ ସିନ୍ଥେଟିକ୍ ସି ୱାଲ୍। ଏହା ଭାରତର ଦ୍ୱିତୀୟ ଓ ଓଡିଶାର ପ୍ରଥମ । ପେଣ୍ଠ ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ଅନ୍ୟତମ ଆକର୍ଷଣ ପାଲଟିଛି ଜିଓ ସିନ୍ଥେଟିକ୍ ସି ୱାଲ୍। ଏହାଛଡା ପେଣ୍ଠର ପ୍ରବେଶ ପଥରେ ରହିଛି ପୁରାଣ ପ୍ରସିଦ୍ଧ ଶ୍ରୀ ଶ୍ରୀ ବନବିହାରୀ ଜୀଉ ମନ୍ଦିର। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରଥମେ ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ବେଳାଭୂମିର ମଜା ଉଠାଇଥାନ୍ତି। ପ୍ରତିବର୍ଷ ନଭେମ୍ବରରୁ ମାର୍ଚ୍ଚ ମାସ ଯାଏଁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ ଏଠାରେ ଲାଗିଥାଏ। ଛୁଟିଦିନ ଏବଂ ବିଶେଷ ଦିନରେ ଏଠାରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଭିଡ ଜମାଇଥାନ୍ତି। ରାଜଧାନୀ ଭୁବନେଶ୍ୱର ଠାରୁ ବେଳାଭୂମିର ଦୂରତା ପ୍ରାୟ ୧୪୦ କି.ମି. । ରାଜନଗର ବ୍ଲକ ହେଡ୍‌କ୍ୱାର୍ଟରରେ ପହଞ୍ଚିବା ପରେ କୁରୁଣ୍ଟି ଛକ ଦେଇ ପେଣ୍ଠ ବେଳାଭୂମିରେ ପହଞ୍ଚି ପାରିବେ। ବଙ୍ଗୋପସାଗର ଉପକୂଳରେ ଥିବା ଏହି ବେଳାଭୂମି ରାଜ୍ୟର ଅନ୍ୟ ବେଳାଭୂମି ଠାରୁ କମ୍ ନ ଥିଲେ ମଧ୍ୟ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଅଦ୍ୟାବଧି ଏହାକୁ ସ୍ଥାନ ମିଳି ପାରିନାହିଁ। ଏଠାରେ ପର୍ଯ୍ୟଟକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ଉର୍ଦ୍ଦୁ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡା ଅଫିସ,୨୯।୧୨

ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଉର୍ଦ୍ଦୁ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଶିକ୍ଷଣ ଶିବିର ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିର ସୋମବାର ପର୍ଯ୍ୟନ୍ତ ଚାଲିବ । ଏକାଡେମୀ ସଚିବ ଡ. ସୟଦ ମୁସିର ଆଲମଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ପ୍ରଶିକ୍ଷଣ ନେଇଥିବା ଶିକ୍ଷକଙ୍କ ଶିକ୍ଷାଦାନରେ ଉତ୍ତମ ଶିକ୍ଷାର୍ଥୀ ସୃଷ୍ଟି ହୋଇପାରିବ ବୋଲି ପ୍ରକାଶ କରିଥିଲେ । ପ୍ରଶିକ୍ଷକ ଭାବରେ ହାଇଦ୍ରାବାଦର ଡ. ମୀସବାହ ଅନସାର, ଜାମସେଦପୁରର ଡ. ଅହମ୍ମଦ ବଦର ଓ ତେଲେଙ୍ଗାନାର ମହମ୍ମଦ ଅବଦୁଲ ମୋଇଜ ପ୍ରମୁଖ ଯୋଗଦେଇ ଜିଲାର ବିଭିନ୍ନ ବ୍ଲକରୁ ଯୋଗ ଦେଇଥିବା ୯୦ ଜଣ ଉର୍ଦ୍ଦୁ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଶିକ୍ଷାବିତ୍ ଏନାମୁଲ ହକ୍, ଶିକ୍ଷକ ସେକ୍ ଫାୟାଜୁଦ୍ଦିନ ପ୍ରମୁଖ ଏହି ଶିବିର ପରିଚାଳନା କରିଥିଲେ ।

## ସଂକ୍ଷେପରେ

### କନ୍ଦରା ଦରବାର ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା ଅଫିସ, ୨୯।୧୨ : ଆସନ୍ତା ଫେବୃୟାରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ସହରର ମହିପାଳିନୀ ମନ୍ଦିର ପରିସରରେ କନ୍ଦରା ଦରବାର ଅନୁଷ୍ଠିତ ହେବ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଦୂର ପ୍ରସାର ପାଇଁ ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ କନ୍ଦରାସୁର ରାଜଦରବାର ଓ ତୁଳସୀ ବିବାହ ମହୋତ୍ସବ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସହରର ମହିପାଳସ୍ଥିତ ମହିପାଳିନୀ ମନ୍ଦିର ପରିସରରେ ମହୋତ୍ସବର ପ୍ରତିଷ୍ଠାତା ନେପାଳ ପ୍ରକାଶ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସ୍କୃତିକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା ହୋଇଥିଲା । କେନ୍ଦ୍ରାପଡା ମାଟିର କଳାସଂସ୍କୃତି, ଐତିହ୍ୟ ଓ ମୁକ୍ତାକାଶ ରଙ୍ଗମଞ୍ଚ ପାଇଁ କଳାକାର ଚୟନଠାରୁ ୩ ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମର ସୁପରିଚାଳନା ଲାଗି ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ ହୋଇଥିଲା । ଏଥିସହିତ ନୂତନ ସଭାପତି ଭାବେ ରଞ୍ଜିତ କୁମାର ସାହୁ ଓ ସମ୍ପାଦକ ଭାବେ ଗଣେଶ୍ୱର ସାହୁଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ହାଡିବନ୍ଧୁ ସାହୁ, ସୁକାନ୍ତ ଶତପଥୀ, ଆକବର ଅଲ୍ଲୀ, ଗୁଣନିଧି ଜଗତି, ଶରତ କୁମାର ବେହୁରା, ପୀତବାସ ବେହେରା, ହିରଣ୍ୟ କୁମାର ପଣ୍ଡା, ଭାବଗ୍ରାହୀ ସିଂ, ଗୋଲଖ ପଡ଼ିଆରୀ, ତୁଷାର ଘୋଷ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ସାହିତ୍ୟିକ ଦିବାକର ବିଶ୍ୱାଳଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୯।୧୨ (ସ୍ୱ.ପ୍ର) : କେନ୍ଦ୍ରାପଡା ଜିଲା ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ସ୍ତମ୍ଭକାର, ସାହିତ୍ୟିକ, ବ୍ୟଙ୍ଗକବି ତଥା ଖବରଦାତା ଦିବାକର ବିଶ୍ୱାଳଙ୍କର ରବିବାର ସକାଳେ ତାଙ୍କ ବାଲିପଡାସ୍ଥ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ହେଲା ଅସୁସ୍ଥ ରହିଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା, ରାଜନଗର ବ୍ଲକ ପୂର୍ବତନ ଅଧକ୍ଷ ଜଗବନ୍ଧୁ ନାୟକ, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ଲକ୍ଷ୍ମୀଧର ପାତ୍ର, ପ୍ରମୋଦ ନାୟକ, ପରିବେଶବିତ୍ ବିଜୟ କବି, ଉଡିକଣ ଚାଷୀ ମୂଲିଆ ସଂଘ ଆବାହକ ଭାସ୍କର ରାଉତରାୟ, ଗାଳ୍ପିକ ପ୍ରଦୀପ ନାୟକ, ନାରାୟଣ ପ୍ରସାଦ ରାଉଳ, ବ୍ରଜବନ୍ଧୁ ଦାଶ,ଗୋଲଖ ବିହାରୀ ସାହୁ, ଚିତ୍ତରଞ୍ଜନ ମଲ୍ଲିକ, ଜଗନ୍ନାଥ ଆଚାର୍ଯ୍ୟ, ଡ. ନୀଳମଣି ଲେଙ୍କା, ଶିକ୍ଷକ ନେତା ବିଜୟ କୁମାର ସାହୁ, ବାମପନ୍ଥୀ ନେତା ବାବାଜୀ ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇଥିଲା । ଚେତନା ସାହିତ୍ୟ ସଂସଦ, କସ୍ତୁରୀ କଳା ନିକେତନ, ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଗୀତାଯଜ୍ଞ ଆଦି ଅନୁଷ୍ଠାନ ଗଠନ କରିବାରେ ସ୍ୱର୍ଗତ ବିଶ୍ୱାଳଙ୍କର ଅଗ୍ରଣୀ ଭୂମିକା ରହିଥିଲା । ତାଙ୍କର ସାହିତ୍ୟ କୃତୀ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯେ ପକ୍ଷୀ ଉଡେ ଯେତେ ଦୂର, ମୁକ୍ତି ସୂର୍ଯ୍ୟ, ଏବଂ ଆମେ କାପୁରୁଷମାନେ ଆଦି ପୁସ୍ତକର ସେ ରଚୟିତା ଥିଲେ । ତାଙ୍କ ବଡ ପୁଅ ଶରତ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ ।

### ଅଗ୍ନିକାଣ୍ଡରେ ଦୁଇ ଧାନଗଦା ଜଳିଗଲା

ରାଜନଗର, ୨୯।୧୨ (ଡି.ଏନ.ଏ.) : ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ନୁରୁଗାଁ ଗ୍ରାମର ଘନଶ୍ୟାମ ବଳଙ୍କ ଧାନଖଳାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦୁଇଟି ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଖବରପାଇ ପଡୋଶୀ ଚାଷୀମାନେ ନିଆଁକୁ ଆୟତ୍ତ କରିଥିଲେ। ନିକଟରେ ଘନଶ୍ୟାମ ଧାନ କାଟି ଖଳାରେ ଧାନଗଦା କରିଥିଲେ। ଅଗ୍ନିକାଣ୍ଡରେ ତାଙ୍କର ପ୍ରାୟ ୩୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ପୋଡି ପାଉଁଶ ହୋଇଯାଇଛି। ବର୍ଷକର ଦାନା ହରାଇ ଘନଶ୍ୟାମଙ୍କ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି। ଖବରପାଇ ରାଜନଗର ବିଧାୟକ ଧ୍ରୁବ ସାହୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ।

## ୫୩୫ ମେଧାବୀଙ୍କୁ ମିଳିଲା ଲାପଟପ୍

କେନ୍ଦ୍ରାପଡା ଅଫିସ, ୨୯।୧୨

କେନ୍ଦ୍ରାପଡା ଜିଲାର ୪୨ଟି ସାଧାରଣ, ୧୩ଟି ସଂସ୍କୃତ ଓ ୮ଟି ଧନ୍ଦାମୂଳକ ମହାବିଦ୍ୟାଳୟର ମୋଟ ୫୩୫ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଲାପଟପ ରବିବାର ବଣ୍ଟନ ହୋଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏଥିପାଇଁ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲାପଟପ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଓ ଜିଲାପାଳ ସମର୍ଥ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଲାପଟପ ବଣ୍ଟନ


ଜଣେ ମେଧାବୀ ଛାତ୍ରୀଙ୍କୁ ଲାପଟପ୍ ଦିଆଯାଉଛି।

କରିଥିଲେ । ଏହି ଅବସରରେ ଅତିଥିମାନେ ଯୁବଶକ୍ତିର ବିନିଯୋଗରେ ଦେଶର ସାମର୍ଥ୍ୟ ବଢ଼ିବ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଉପାଧ୍ୟକ୍ଷ ଗୋପାଳ ଚରଣ ବେହେରା ଏ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ତୁଷାରକାନ୍ତି ଭୂୟାଁ, ଅଧ୍ୟାପକ ରଣଜିତ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମହିଳା ଗ୍ରାହକ ଜାଗରଣ ବୈଠକ


ବୈଠକରେ ଉପସ୍ଥିତ ମହିଳାମାନେ।

କେନ୍ଦ୍ରାପଡା ଅଫିସ, ୨୯।୧୨

ସହରର ଇଚ୍ଛାପୁରସ୍ଥ ବାରଙ୍ଗେଇ ଠାକୁରାଣୀ ମନ୍ଦିର ପରିସରରେ ଜାତୀୟ ଗ୍ରାହକ ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଜିଲା ଶାଖା ପକ୍ଷରୁ ମାନିନୀ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ମହିଳା ଗ୍ରାହକ ଜାଗରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଶାଖାର କ୍ଷେତ୍ରୀୟ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ, ରାଜ୍ୟ ସଭାପତି ବିପିନ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରକାଶ କରିଥିଲେ ଯେ, ଗଣତାନ୍ତ୍ରିକ ଆର୍ଥିକ ବ୍ୟବସ୍ଥାକୁ ସୁସ୍ଥ ରୂପରେ ପରିବର୍ତ୍ତନ କରିବାରେ ଗ୍ରାହକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେବେ ଗ୍ରାହକଙ୍କ ଅଜ୍ଞତା ପାଇଁ ଏହା ସାମାଜିକ ଓ ଆର୍ଥିକ ବ୍ୟବସ୍ଥାରେ ସନ୍ତୁଳନ ରକ୍ଷା କରି ପାରୁନାହିଁ । ବଜାରର ଗ୍ରାହକ ହେଉ ଅଥବା ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀମାନେ ଏଥିପ୍ରତି ସତର୍କ ଦୃଷ୍ଟି ରଖିବା ଆବଶ୍ୟକ ହୋଇଛି । ସାମଗ୍ରୀ ଓ ସେବାରେ କୌଣସି ତ୍ରୁଟି ଦେଖାଗଲେ ଗ୍ରାହକ ଓ ହିତାଧିକାରୀ ଉପଯୁକ୍ତ ଫୋରମରେ ଅଭିଯୋଗ କରି କ୍ଷତିପୂରଣ ପାଇପାରିବେ। ଏଥିନେଇ ଦେଶରେ ବିଭିନ୍ନ ଆଇନ କାର୍ଯ୍ୟକାରୀ ହେଉଥିବା ସେମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଗୌତମ ବେହେରା, ସାବିତ୍ରୀ ପ୍ରଧାନ, ସୌଦାମିନୀ ପ୍ରଧାନ, ରୁବିତା ପ୍ରଧାନ, ମୀନତି ପ୍ରଧାନ, ସସ୍ମିତା ପଣ୍ଡା, ସୋନି କର ପ୍ରମୁଖ ଯୋଗଦେଇ ବୈଠକରେ ନିଜର ମତ ଉପସ୍ଥାପନ କରିଥିଲେ । ସୁଶିଲ କୁମାର ବେହେରା, ଶୁଭଶ୍ରୀ ବାରିକ, ଗୀତାଞ୍ଜଳି ପ୍ରଧାନ, ଝିଲ୍ଲୀ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ଆଦିବାସୀ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଆଳି,୨୯।୧୨(ଡି.ଏନ.ଏ)

ରବିବାର ସକାଳେ ଆଳି ପତ୍ରପୁର ସେତୁର ଅନତି ଦୂରରେ ଥିବା ଏକ ଗଛରୁ ଜଣେ ଆଦିବାସୀ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ପ୍ରକାଶ ଯେ, ସ୍ଥାନୀୟ ଆଦିବାସୀ ପଡାର ମଙ୍ଗଳ ମୁଣ୍ଡାଙ୍କ ପୁଅ ରମାକାନ୍ତ(୧୯)ଙ୍କୁ ଗତ କିଛି ଦିନ ତଳେ ତାଙ୍କ ସ୍ତ୍ରୀ ଛାଡି ପଳାଇ ଯାଇଥିଲେ । ଗତ ଶନିବାର ରାତିରେ ଉଭୟ ଫୋନରେ କଥାବାର୍ତ୍ତା ହେଉଥିବା ବେଳେ ପ୍ରବଳ ଯୁକ୍ତିତର୍କ ଲାଗିଥିଲା । ପରେ ରାତିରେ ରମାକାନ୍ତ ଓ ତାଙ୍କ ଭାଇ ଗୋଟିଏ ଘରେ ଶୋଇଥିଲେ । ରବିବାର ସକାଳେ ଘର ନିକଟରେ ଥିବା ଗମ୍ଭାରୀ ଗଛରେ ରମାକାନ୍ତଙ୍କ ମୃତଦେହ ଝୁଲୁଥିବାର ଦେଖିବାକୁ ମିଳିଥିଲା । ଖବର ପାଇ ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ୩୫/୧୯ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

ମହାକାଳପଡା,୨୯।୧୨(ଡି.ଏନ.ଏ.) ରବିବାର ମହାକାଳପଡା ବ୍ଲକ ବଡିହି ପଞ୍ଚାୟତ ଛତର ଗ୍ରାମର ଭିକାରୀ ସାମଲଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଭସ୍ମୀଭୂତ ହୋଇଯାଇଛି। ଏଥିରେ ଧାନ, ଚାଉଳ ସମେତ ଘରର ସମସ୍ତ ଆସବାବପତ୍ର ପୋଡିଯାଇଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ମଦ ଦୋକାନ ଖୋଲିଲେ ଆନ୍ଦୋଳନ ଜୋରଦାର

ରାଜନଗର,୨୯।୧୨(ଡି.ଏନ.ଏ.)

ରାଜନଗର ବ୍ଲକ ଡେରା ପଞ୍ଚାୟତ ଭାଟସାହି ଠାରେ ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ଅଞ୍ଚଳବାସୀ ଜୋରଦାର ବିରୋଧ କରିଛନ୍ତି। ଗତ ୨୭ ତାରିଖ ଦିନ ଡେରା ସରପଞ୍ଚ ହେମଲତା ସାହାଣୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ମଦ ଦୋକାନ ନ ଖୋଲିବା ପାଇଁ ଦାବି କରିଥିଲେ। ରବିବାର ଜୁଣୁପାଙ୍ଗରା ଯଜ୍ଞ ପଡ଼ିଆରେ ଡେରା, କୁରୁଣ୍ଟି ଓ ହାତୀନା ପଞ୍ଚାୟତର ଲୋକେ ଏକାଠି ହୋଇ କୌଣସି ପରିସ୍ଥିତିରେ ପ୍ରସ୍ତାବିତ ମଦ ଦୋକାନ ଖୋଲିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏଥିପାଇଁ ଆନ୍ଦୋଳନକୁ ଜୋରଦାର ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଭାଜପା ନେତା ନୀଳମଣି ସାହାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ହେମଲତା ସାହାଣି, ସମିତିସଭ୍ୟ ଶୁକଦେବ ଭଦ୍ର, କୁରୁଣ୍ଟି ସରପଞ୍ଚ ଜୁମର କୁମାର ସ୍ୱାଇଁ, ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ଜେନା, ବିଦ୍ୟାଧର ଦାସ ପ୍ରମୁଖ ଯୋଗଦେଇ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରିଥିଲେ।

## ମାର୍ଶାଘାଇରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

ମାର୍ଶାଘାଇ,୨୯।୧୨(ଡି.ଏନ.ଏ.)

ଶୁକ୍ରବାର ମାର୍ଶାଘାଇ ବଣିକ ସଂଘ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ଗୋପବନ୍ଧୁ କ୍ଲବରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କଟକ ସହାୟତାରେ ହୋଇଥିବା ଏହି ଶିବିରରେ ୧୦୧ ଜଣ ରକ୍ତଦାନ କରିଛନ୍ତି । ରେଡକ୍ରସ ତରଫରୁ ଡା. ସୁଧାଂଶୁ ସାହୁ,ସଂଯୋଜକ ଅଭିନାଶ ଦାସ, ଟେକ୍‌ନିସିଆନ୍ ପ୍ରକାଶ ଜେନା,ଆକାଶ ପ୍ରୀତମ୍ ,ଲକ୍ଷ୍ମୀଧର ପୃଷ୍ଟି,ପ୍ରଶାନ୍ତ ସ୍ୱାଇଁ,ସଞ୍ଜୟ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ । ମାର୍ଶାଘାଇ ବଣିକ ସଂଘ ସଭାପତି ରନେନ୍ଦ୍ର କୁମାର ସ୍ୱାଇଁ ପ୍ରଥମେ ରକ୍ତଦାନ କରିଥିଲେ । ପରେ ସମ୍ପାଦକ ଉପେନ୍ଦ୍ର କୁମାର ବେହେରା,କୋଷାଧକ୍ଷ ଧ୍ରୁନ କିଶୋର ନାୟକ ,ସୁବାସିନୀ ପ୍ରଧାନ,ସୁଜାତା ନାୟକ,ମନୋରମା ସ୍ୱାଇଁ ପ୍ରମୁଖ ରକ୍ତ ଦାନ କରିଥିଲେ । ବଣିକ ସଂଘ ଉପସଭାପତି ସୁନାକର ଗାହାଣ,ନନ୍ଦ କିଶୋର ତୋଷନିୱାଲ, ଶୁକଦେବ ସ୍ୱାଇଁ, ଅବନୀ ରଥ, ଅର୍ଜ୍ଜୁନ ରଥ, ବାସୁଦେବ ରଥ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ରାଜନଗର ପଞ୍ଚାୟତ ସମିତି ବୈଠକ

ରାଜନଗର,୨୯।୧୨(ଡି.ଏନ.ଏ.)

ରାଜନଗର ପଞ୍ଚାୟତ ସମିତି ବୈଠକ ଶନିବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଜୟୀରାମ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ସ୍ୱର୍ଗତ ବରଦାକାନ୍ତ ଜେନାଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ବୈଠକ ଆରମ୍ଭରେ କୁରୁଣ୍ଟି ସରପଞ୍ଚ ଜୁମର କୁମାର ସ୍ୱାଇଁ ଏହି ଶୋକ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ, ଉନ୍ନୟନ କାର୍ଯ୍ୟ, ମହିଳା ଓ ଶିଶୁ ବିକାଶ ଯୋଜନା, ଜଳ ଓ ପରିମଳ ବିଭାଗ, ରାସ୍ତାଘାଟ, ଗ୍ରାମୀଣ ଗୃହ ନିର୍ମାଣ, ଭୂମିହୀନ ଲୋକଙ୍କୁ ସହାୟତା ପ୍ରଦାନ ପ୍ରଭୃତି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ପୂର୍ବ ବୈଠକର ବିବରଣୀରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନ ପାଇ ନ ଥିବା କୁରୁଣ୍ଟି ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତି ଅଭିଯୋଗ ଆଣିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କାଳିଆ ପ୍ରଭୃତି ଯୋଜନାର ଅନିୟମିତତା ଉପରେ ଆଲୋଚନା କରିଥିଲେ। ଏହାଛଡା କଣ୍ଡିରା ସରପଞ୍ଚ ଦୀପ୍ତିମୟୀ ବେହେରା, ଡାଙ୍ଗମାଳ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ଭିତରଗଡ ସରପଞ୍ଚ ସଙ୍ଗୀତା ବଳ, ସାତଭାୟା ସରପଞ୍ଚ ରଶ୍ମିତା ସାହାଣୀ ପ୍ରମୁଖ ସେମାନଙ୍କ ପଞ୍ଚାୟତରେ ବିଭିନ୍ନ ଯୋଜନାର ଅଗ୍ରଗତି ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଆସନ୍ତା ମାସରେ ପ୍ରଥମ କରି ହେବାକୁ ଥିବା ଭିତରକନିକା ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବିଡିଓ ମନ୍ଦରଧର ମହାଳିକ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି, ଅଶୋକ କୁମାର ପ୍ରତିହାରୀ, ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ।

■ଡେରାବିଶ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ସମସ୍ତଙ୍କୁ ଏକତା ବନ୍ଧନରେ ବାନ୍ଧି ରଖିଛି ମହୋତ୍ସବ

ଡେରାବିଶ,୨୯।୧୨ (ସ୍ୱ.ପ୍ର.)

ସମସ୍ତଙ୍କୁ ଏକତା ବନ୍ଧନରେ ଡେରାବିଶ ମହୋତ୍ସବ ବାନ୍ଧି ରଖିଛି ବୋଲି ପୂର୍ବତନ ବିଧାୟକ ତଥା ଚିଲିକା ଉନ୍ନୟନ ପରିଷଦର ଉପଦେଷ୍ଟା ଉତ୍କଳ କେଶରୀ ପରିଡା ମତବ୍ୟକ୍ତ କରିଛନ୍ତି । ରବିବାର ଡେରାବିଶ ମହୋତ୍ସବର ୫ମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିଡା ଉପରୋକ୍ତ ମତ ପ୍ରକାଶ କରିଥିଲେ । ସାମାଜିକ କର୍ମୀ ବିପିନ ବିହାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଜିର ସାରସ୍ୱତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିଡା ଆହୁରି କହିଥିଲେ ଯେ, ଏହି ମହୋତ୍ସବ ଦୀର୍ଘ ୮ ବର୍ଷ ଧରି ଡେରାବିଶ ଅଞ୍ଚଳରେ ସାଂସ୍କୃତିକ କ୍ଷେତ୍ରରେ ଏକ ନୂତନ ଦିଗଦର୍ଶନ ଦେଇଛି । ମୁଖ୍ୟବକ୍ତା ଭାବେ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଯୋଗଦେଇ ଏହି ମହୋତ୍ସବ ସମଗ୍ର ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ତୁଳସୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇ ଯେଉଁ ବରପୁତ୍ରମାନଙ୍କୁ ଜନ୍ମ ଦେଇ ଡେରାବିଶ ମାଟି ଆଜି ଗୌରବାନ୍ୱିତ ହୋଇଛି ସେମାନଙ୍କ ପ୍ରତିଭାକୁ ଉଦ୍‌ଜୀବିତ ରଖିବା ଓ ଆଗାମୀ ଯୁବପୀଢିଙ୍କୁ


ମହୋତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମହୋତ୍ସବ ଏକ ନୂତନ ଦିଗଦର୍ଶନ ଦେଇଥିବା କହିଥିଲେ । ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଅସୀମା ପଣ୍ଡାଙ୍କ ସାଇ ସଙ୍ଗମ ଅର୍କେଷ୍ଟ୍ରା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରଯୋଜକ ଦିଲିପ ସାହୁ ,ଅଭିନେତା ବିଜୟ ମହାନ୍ତିଙ୍କ ସମେତ ଓଡିଆ ଚଳଚ୍ଚିତ୍ର,ଟେଲି ସିରିଏଲ୍‌ର ଅଭିନେତା ଓ ଅଭିନେତ୍ରୀଙ୍କ ଦ୍ୱାରା ପରିବେଶିତ ନୃତ୍ୟଗୀତକୁ ଆଜିର ମହୋତ୍ସବରେ ଭରପୁର ଦର୍ଶକ ଉପଭୋଗ କରିଥିଲେ । ଅତୁଲ୍ୟ କୁମାର ରଥ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ଗୌରାଙ୍ଗ ଚରଣ ସାହୁ, ହରେକୃଷ୍ଣ ବେହେରା, ଖୁର୍ସିଦ୍ ଆଲମ ଖାଁ, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ମରୁତ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୦/୨୦୧୯ Bhubaneswar, Monday, December 30/2019

## ସଂକ୍ଷେପରେ

### ୨ବଖରା ଜଳିଗଲା

ବାଲିକୁଦା, ୨୯।୧୨ (ସ୍ୱ.ପ୍ର.): ବାଲିକୁଦା ତହସିଲ ଅଧୀନ ଅଳାବୋଳ ପଞ୍ଚାୟତର ଗୁଡୁପାଇଲୋ ଗାଁରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଶତ୍ରୁଘ୍ନ ମଲ୍ଲିକଙ୍କ ୨ ବଖରା ପୋଡି ପାଉଁଶ ହୋଇଯାଇଛି। ସନ୍ଧ୍ୟାରେ ଘରେ ମଶାଧୂଆଁ ଦିଆଯାଇଥିବାବେଳେ ସେଥିରୁ ଧାଁସ ବାହାରି ଚାଳରେ ଲାଗିଯାଇଥିବା ଜଣାପଡ଼ିଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ ଚଳାଇଥିବା ବେଳେ ଖବରପାଇ ବାଲିକୁଦା ଅଗ୍ନିଶମ ସେବା ସଂସ୍ଥାର ଭାରପ୍ରାପ୍ତ କେନ୍ଦ୍ରାଧିକାରୀ ଟିମ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଯୌତୁକ ନିର୍ଯାତନା: ସ୍ୱାମୀ କୋର୍ଟ ଚାଲାଣ

ବାଲିକୁଦା, ୨୯।୧୨ (ସ୍ୱ.ପ୍ର.): ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ବାହାରଣା ପଞ୍ଚାୟତ ରଥିସିଂଗା ଗାଁର କେଦାର ମଲ୍ଲିକଙ୍କ ପୁଅ କିଶୋର ମଲ୍ଲିକଙ୍କୁ ବାଲିକୁଦା ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। କିଶୋର ତାଙ୍କ ସ୍ତ୍ରୀ ସୋନାଲିଙ୍କୁ ଅଧିକ ଯୌତୁକ ଦାବିରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ମେରେ ସୋନାଲି ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଏ ନେଇ ଜୁନ୍‌ରେ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୧୬୦/୧୯ ନଂ.ରେ ମାମଲା ରୁଜୁ କରିଥିଲା।

### ଧାନକଟା ମେଶିନ ଜାଳିଦେଲେ ଦୁର୍ବୃତ୍ତ

ବାଲିକୁଦା, ୨୯।୧୨ (ସ୍ୱ.ପ୍ର.): ବାଲିକୁଦା ଅଞ୍ଚଳରେ ଧାନ ଅମଳ କରିବାକୁ ରାଜ୍ୟ ବାହାରୁ ଆସିଥିବା ଏକ ଧାନକଟା ମେଶିନକୁ ଶନିବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଶନିବାର ଧାନ କଟା ସରିବା ପରେ ବୋରିକିନା ପଞ୍ଚାୟତ ବଡକୁଳ ଗାଁ ଗହିରରେ ମେଶିନଟି ରହିଥିଲା। ତେବେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଥିରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ମେଶିନଟି ଜଳୁଥିବା ଦେଖି ଆଖାପାଖର କେତେଜଣ ଡାକ ପକାଇବାରୁ ସ୍ଥାନୀୟ ଲୋକେ ସେଠାକୁ ଯାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ବାଲିକୁଦା ଅଗ୍ନିଶମ କେନ୍ଦ୍ରାଧିକାରୀ ପି ଜଗନ୍ନାଥ ରାଓଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ପାରାଦୀପ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୨୯।୧୨(ସ୍ୱ.ପ୍ର.): ଜୟଦେବ ସଦନ ପରିସରରେ ଚାଲିଥିବା ପାରାଦୀପ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ଅତିଥିଭାବେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ, ଯୁବନେତା ସମ୍ପଦ ସ୍ୱାଇଁ, ଖବରଦାତା ଭବାନୀ ମହାପାତ୍ର, ପିପିଏଲ୍‌ର ବରିଷ୍ଠ ଅଧିକାରୀ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

## ■ ପାରାଦୀପ ଟ୍ରକ୍ ମାଲିକ ସଂଘ ବିବାଦ

# ୨ରେ ଧାରଣା ଦେବ ୪-ଟି ସଂଘ

ପାରାଦୀପ,୨୯।୧୨(ସ୍ୱ.ପ୍ର.)

ପାରାଦୀପ ଶିଳ୍ପ ସଂସ୍ଥାର ପଣ୍ୟ ପରିବହନ କ୍ଷେତ୍ରରେ ନିୟୋଜିତ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଏବେ ବିବାଦ ଉଗ୍ରରୂପ ଧାରଣ କରିଛି। ୨୩ ତାରିଖ ଘଟଣାକୁ ନେଇ ଅସନ୍ତୋଷ ଥିବା ୪ଟି(ଟିପ୍ପର-ଟ୍ରକ୍-ଟ୍ରେଲର-ଟ୍ୟାଙ୍କର) ସଂଘ ଜାନୁୟାରୀ ୨ରେ ସ୍ଥାନୀୟ ଏଡିଏମ୍ ଅଫିସ ସମ୍ମୁଖରେ ଧାରଣା ଦେବ ବୋଲି ରବିବାର ସଂଘର ସାଧାରଣ ବୈଠକ ପରେ ଘୋଷଣା କରାଯାଇଛି। ଧାରଣା ଦେବା ଦ୍ୱାରା ଯଦି ସେମାନଙ୍କୁ ନ୍ୟାୟ ନ ମିଳେ ତେବେ ସେମାନେ ଜାତୀୟ ଓ ରାଜ୍ୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି, ଆମ ସଂଘ ପୁରୁଣା ସଂଘ କାର୍ଯ୍ୟରେ ହସ୍ତକ୍ଷେପ କରୁନାହିଁ। ପିପିଏଲ୍‌ର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱୀକୃତି ପାଇଥିଲା। ତେବେ ପୂର୍ବରୁ ବିବାଦ ହେବାରୁ ଆମେ

### ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି



୪-ଟି ଟ୍ରକ୍ ମାଲିକ ସଂଘ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। ହାଇକୋର୍ଟ ୨ ମାସ ମଧ୍ୟରେ ଏହାର ସମାଧାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୫ମାସ ହେବ ପ୍ରଶାସନ ଏହାର ସମାଧାନ କରି ପାରୁନାହିଁ। ସଂଘ ସମ୍ପାଦକ ବାମଦେବ ସାହୁ, ଉପଦେଷ୍ଟା କେଦାର ଜେନା କହିଥିଲେ, ପୁରୁଣା ଟ୍ରକ୍ ସଂଘ ୫ବର୍ଷ ହେଲାଣି ନୂଆ ସଦସ୍ୟ ଗ୍ରହଣ କରୁନାହାନ୍ତି। ମାତ୍ର ସେହି ସଂଘର ସଦସ୍ୟ ଜଣପିଛା ୫ଟି ଲେଖାଏ ଗାଡ଼ି ବଢ଼ାଇବାରେ ଲାଗିଛନ୍ତି। ଯେଉଁଥିପାଇଁ ଆମେ ୪ଟି ସଂଘ ଗଠନ କରିବାକୁ ବାଧ୍ୟ ହେଲୁ। ଅନ୍ୟମାନଙ୍କ ମଧ୍ୟରେ ସଂଘ କାର୍ଯ୍ୟକାରୀ ସଭାପତି ଶେକ୍ ବସିର ଅଲ୍ଲୀ, ସଂଘ ପ୍ରତିଷ୍ଠାତା ଏନ୍‌ଏମ୍ ବୈଶାଖ, ସହ ସମ୍ପାଦକ ଜଗନ୍ନାଥ ପରିଜା, କୋଷାଧ୍ୟକ୍ଷ ଅବଦୁଲ ଅବିନ୍ ଖାନ୍ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ୨୩ ତାରିଖରେ ୪ଟି ସଂଘର ଗାଡ଼ିଗୁଡ଼ିକ ପିପିଏଲ୍‌ର ଜିପିସମ୍ ପରିବହନ ପାଇଁ ଯାଇଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପାଇଁ ଅତିଥିଭାବେ ବିଧାୟକ, ମନ୍ତ୍ରୀ ଓ ଏମ୍‌ପି ଆସୁଥିଲେ। ମାତ୍ର ସେମାନଙ୍କୁ ପାରାଦୀପରେ ଥିବା ୩ ପୁରୁଣା ଟ୍ରକ୍ ମାଲିକ ସଂଘର ସଦସ୍ୟମାନେ ପିପିଏଲ୍ ଷ୍ଟେଶନ ଛକଠାରେ ବିରୋଧ କରିଥିଲେ। ଫଳରେ ଅତିଥିମାନେ ଅଧାବାଟରୁ ଫେରି ପଳାଇଥିଲେ। ଯଦ୍ୱାରା ୪ଟି ସଂଘର କାର୍ଯ୍ୟକମ ବାତିଲ ହୋଇ ଯାଇଥିଲା।

## ପୁଟୁଳି ବୈଶ୍ୟ ସମାଜର ପାରିବାରିକ ମହାମିଳନ

# ପରସ୍ପର ମଧ୍ୟରେ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ,୨୯।୧୨

ନିକଟସ୍ଥ ଏକ ମଣ୍ଡପରେ ଲକ୍ଷ୍ମୀ ନାରାୟଣ ପୁଟୁଳି ବୈଶ୍ୟ ସମାଜ କେନ୍ଦୁପାଟଣା ମଣ୍ଡଳର ପାରିବାରିକ ମହାମିଳନ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ଲୋକଙ୍କ ଭିତରେ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମଣ୍ଡଳ ସଭାପତି ରଶ୍ମିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ବୈଶ୍ୟ ସମାଜର ମାର୍ଗଦର୍ଶକ ଡ. ମକୁରେନ୍ଦ୍ର ପୃଷ୍ଟି ଓ ସାଧାରଣ ସମ୍ପାଦକ ଡ. ମହେନ୍ଦ୍ର ନାଥ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ରାଜ୍ୟରେ ବୈଶ୍ୟ ସମାଜର ପିଲାଙ୍କ ନିଯୁକ୍ତି, ବିବାହ ଓ ପରିବାର ମଧ୍ୟରେ ସମନ୍ୱୟ ରକ୍ଷା କରିବା କ୍ଷେତ୍ରରେ ପ୍ରତ୍ୟେକ ଦାୟିତ୍ୱବାନ ହେବାକୁ ପଡିବ। କାହାରି କିଛି ଅସୁବିଧା ହେଲେ ସେଥିପ୍ରତି ସମାଜ ଆଗେଇ ଆସିବା ପାଇଁ ଉଦ୍ୟମ ଜାରି ରହିଥିବା ପୃଷ୍ଟି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ନାଥ ସାହୁ, ଗୋପାଳ ଚନ୍ଦ୍ର ପୃଷ୍ଟି, କୈଳାସ ଚନ୍ଦ୍ର ନାୟକ, ନରହରି ପାଣି ଓ ବୈରାଗୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁପାଟଣା ମଣ୍ଡଳର ପ୍ରଦୀପ୍ତ ସାହୁ ମଞ୍ଚ ସଂଯୋଜନା ଓ ମଣ୍ଡଳ ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ମଣ୍ଡଳ ଉପସଭାପତି ଗୋବର୍ଦ୍ଧନ ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବୈଶ୍ୟ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ ଜଣ, ଝୋଟି, ମୁରୁଜ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୬ ଜଣଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମ୍ମିଳନୀରେ କେନ୍ଦୁପାଟଣା ସମେତ ଅନ୍ୟ ମଣ୍ଡଳର ପାଖାପାଖି ୪୦୦ କର୍ମକର୍ତ୍ତା ଓ ପରିବାର ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ସତ୍ୟସାଇ ସମ୍ମିଳନୀ ଉଦ୍‌ଯାପିତ


ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ପାରାଦୀପ,୨୯।୧୨(ସ୍ୱ.ପ୍ର.)

ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପରିସରରେ ୩ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟସାଇ ସେବା ସମ୍ମିଳନୀ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜିଲାର ଭକ୍ତଙ୍କୁ ନେଇ ଗ୍ରାମ୍ୟ ସଭା ରାଲି ପାରାଦୀପ ସହର ପରିକ୍ରମା କରିଥିଲା। ଏଥିରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭାଗ ନେଇଥିଲେ। ସଭାରେ ଭଗବାନ ସତ୍ୟସାଇଙ୍କ ଜୀବନୀ ଓ ଯୁବ ସମାଜକୁ ସେ ଦେଇଥିବା ଆହ୍ୱାନ ସମ୍ପର୍କରେ ବକ୍ତା ଭକ୍ତଙ୍କୁ ବୁଝାଇଥିଲେ। ରାଜ୍ୟ ଉପସଭାପତି ନାରାୟଣ ପ୍ରସାଦ ସର, ବିଜୟ ପୃଷ୍ଟି, ଡା. ଶୁଧାଂଶୁ ଶେଖର ନାୟକ, ଶଶାଙ୍କ ଶେଖର ସାହା ପ୍ରମୁଖ ମତ ରଖିଥିଲେ। ଗ୍ରାମ୍ୟ ସମ୍ମିଳନୀ ସମ୍ପର୍କରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ପିକେ ଦାସ, ସୁବ୍ରତ ନାୟକ ପ୍ରମୁଖ ଆଲୋଚନା କରିଥିଲେ।

# ଦିନିକିଆ କରାଟେ ତାଲିମ ଶିବିର



ଅତିଥିଙ୍କ ଗହଣରେ କରାଟେ ତାଲିମ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ପାରାଦୀପ,୨୯।୧୨(ସ୍ୱ.ପ୍ର.)

ସ୍ଥାନୀୟ ପାନ୍ଥନିବାସଠାରେ ରବିବାର ଦିନିକିଆ କରାଟେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇଜିକେ (ଇଣ୍ଟର ନ୍ୟାଶନାଲ ଗୋସୁକେ କରାଟେ) ପକ୍ଷରୁ ଆୟୋଜିତ ଏହି ଶିବିରରେ ଶତାଧିକ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ତାଲିମ ନେଇଥିଲେ। ପ୍ରଶିକ୍ଷକ ସଞ୍ଜୟ କୁମାର ସାହା ଓ ପ୍ରଶାନ୍ତ ବିଶ୍ୱାଷ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥିଭାବେ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ଲେଡିଜ୍ କ୍ଲବ ସଦସ୍ୟା ପ୍ରୀତିଆରତି ପରିଜା ଓ ଆଇଜିକେ ସଂଯୋଜକ ସଞ୍ଜୟ ମିଶ୍ର ଯୋଗଦେଇ କୃତୀ ଛାତୀଛାତ୍ରଙ୍କୁ ବ୍ଲାକ ବେଲ୍ଟ ଓ ମାନପତ୍ର ପ୍ରମାଣ କରିଥିଲେ।

## ■ ଅରଣା ପଞ୍ଚାୟତରେ ସାଧାରଣ ବୈଠକ

# ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ

ବାଲିଆ, ୨୯।୧୨ (ଡି.ଏନ୍.ଏ.)

ବିରିଡି ବ୍ଲକ ଅଧୀନ ଅରଣା ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବା ପାଇଁ ପଞ୍ଚାୟତ ବିଜେଡି ସଭାପତି ରବି ନାରାୟଣ ସିଂଙ୍କ ତତ୍ତ୍ୱାବଧାନରେ ରବିବାର ଏକ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅରଣା ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ କହିଥିଲେ ଯେ, ଏହି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ନିଆଯାଇଛି। ଦଳଗତ ନିର୍ବିଶେଷରେ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଏମ୍‌ପି ମଲ୍ଲିକ ପଞ୍ଚାୟତବାସୀଙ୍କ ସହଯୋଗ ଲୋଡିଥିଲେ। ସ୍ୱଚ୍ଛ ଭାରତ ଅଭିଯାନ, ପଲିଥିନ ମୁକ୍ତ ପଞ୍ଚାୟତ, ମହିଳା ସ୍ୱୟଂ ସହାୟକ ସଂଘ ଗୃହ ନିର୍ମାଣ, ରାସ୍ତା ଘାଟ ଉନ୍ନତୀକରଣ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଓ ମିନି କୋଲ୍ଡ ଷ୍ଟୋର ନିର୍ମାଣ, ଜଳ ପରିମଳ ବ୍ୟବସ୍ଥା, ଚାଷ ଜମିକୁ ଜଳସେଚନ ସୁବିଧା ଆଦି ସମସ୍ତ ପ୍ରକାର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଏମ୍‌ପି ମଲ୍ଲିକ କହିଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉଳ, ସରପଞ୍ଚ ସୁଦେଷ୍ଣା ପଟ୍ଟନାୟକ, ସମିତି ସଭ୍ୟା ମାମିନା ସିଂ, ପୂର୍ବତନ ସମିତି ସଭ୍ୟ ଜିତେନ ବେହେରା, ବ୍ରଜେନ୍ଦ୍ର ନାଥ ମହାନ୍ତି, ବିଷ୍ଣୁଚରଣ ପରିଡ଼ା, ରଜନୀ କାନ୍ତ ପଟ୍ଟନାୟକ, ଅଜୟ କୁମାର ଖୁଣ୍ଟିଆ, ନିରଞ୍ଜନ ମଲ୍ଲିକ, ବସନ୍ତ କିଶୋର ବେହେରା, ଅକ୍ଷୟ କୁମାର ମହାପାତ୍ର, ରତ୍ନାକର ପଲେଇ, ରବୀନ୍ଦ୍ର ନାଥ ବସ୍ତିଆ, ନାଏବ ସରପଞ୍ଚ ସନ୍ତୋଷ କୁମାର ଚୌଧୁରୀ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଅନ୍ୟ ଅତିଥି।




# ଏସ୍‌ଏଚ୍‌ଜି ମହିଳାଙ୍କୁ ମହୁଚାଷ ସମ୍ପର୍କରେ ପ୍ରଶିକ୍ଷଣ

ରଘୁନାଥପୁର, ୨୯।୧୨ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ରାଉତ ନୂଆଗାଁ ଅଗସ୍ତିମୁନି ଆଶ୍ରମ ପରିସରରେ ଏସ୍‌ଏଚଜି ମହିଳାଙ୍କୁ ମହୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଇଫ୍‌କୋ, ଆଇଏଫ୍‌ଏଫ୍‌ଡିସି (ଇଣ୍ଡିଆନ ଫାର୍ମ ଫରେଷ୍ଟ୍ରି ଡେଭଲପମେଣ୍ଟ କୋ ଅପରେଟିଭ) ପକ୍ଷରୁ କ୍ଷେତ୍ରାଧିକାରୀ ଅଜୟ କୁମାର ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୫୦ ମହିଳା ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନ୍‌ର ଭାବେ ମନୋରଞ୍ଜନ ପତି ମହୁ ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବରିଷ୍ଠ ବୈଜ୍ଞାନିକ ପାର୍ଥ କୁମାର ପାଢି ଓ ସସ୍ମିତା ପୁରୋହିତ ଉପସ୍ଥିତ ଥିଲେ। ମହିଳାମାନେ ମହୁ ବାକ୍ସ ଜରିଆରେ ମହୁ ଚାଷ କଲେ ପ୍ରତିବାକ୍ସ ପିଛା ବାର୍ଷିକ ୩ କିଗ୍ରା ମହୁ ଉତ୍ପାଦନ କରିପାରିବେ। ଯାହାକି କିଲୋପ୍ରତି ଏକ ହଜାର ଟଙ୍କାରେ ବଜାରରେ ବିକ୍ରୟ ହୋଇପାରିବ ବୋଲି କୁହାଯାଇଥିଲା। ବର୍ଷକୁ ଏହି ବାକ୍ସରୁ ୨ ଥର ମହୁ ସଂଗ୍ରହ କରାଯାଇପାରିବ। ଏହି ବାକ୍ସ କେବଳ ଖଦିବୋର୍ଡରୁ ପାଇ ପାରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ତେବେ ମହିଳାମାନଙ୍କ ଆତ୍ମନିର୍ଭରଶୀଳକୁ ଲକ୍ଷ୍ୟ ରଖି ଇଫ୍‌କୋ ଓ ଆଇଏଫ୍‌ଏଫ୍‌ଡିସି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ୫ ଗ୍ରୁପକୁ ମୋଟ ୨୦ ବାକ୍ସ ମାଗଣାରେ ଯୋଗାଇ ଦେବାକୁ ସ୍ଥିର ହୋଇଥିଲା। ଏହାଛଡା ଏଥିରେ ବ୍ୟବହୃତ ଡ୍ରେସ, ଗ୍ଲୋବସ୍, ହେଲମେଣ୍ଟ, ଷ୍ଟାର୍ଟର ଓ ସ୍ମାକ୍ସ ମଧ୍ୟ ଯୋଗାଇ ଦିଆଯିବ ବୋଲି କ୍ଷେତ୍ରାଧିକାରୀ ବଳବନ୍ତରାୟ ପ୍ରକାଶ କରିଥିଲେ। ଚାଷ କରିବାର ପ୍ରଣାଳୀ, ମହୁ ସଂଗ୍ରହ ଏବଂ ବଜାର ଚାହିଦା ସମ୍ପର୍କରେ ମହିଳାଙ୍କୁ ବିସ୍ତୁତ ଭାବେ ବୁଝା ଯାଇଥିଲା। ମହିଳାମାନେ ପ୍ରାଥମିକ ପର୍ଯ୍ୟାୟରେ ସଫଳ ହେଲେ ଆଗାମୀ ଦିନରେ ରାଣୀ ମହୁ ମାଛି ସହ ବାକ୍ସ ଅଧିକ ପରିମାଣରେ ପ୍ରଦାନ କରାଯିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ଏହା ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ଅଧିକରୁ ଅଧିକ ମହିଳା ମହୁ ଚାଷ କରିବାକୁ ସମ୍ମତି ପ୍ରକାଶ କରୀଥିଲେ।



ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ■ କର୍ତ୍ତବ୍ୟ ଭୁଲିଯାଉଛି ଜଳସମ୍ପଦ ବିଭାଗ

# ୭ ବର୍ଷ ହେଲା ହୋଇନାହିଁ ପାଣି ପଞ୍ଚାୟତ ନିର୍ବାଚନ

**ନୟାଗଡ଼ ଅଫିସ,୨୯।୧୨**

ନୟାଗଡ଼ ଜଳସମ୍ପଦ ବିଭାଗ ଚାଷୀମାନଙ୍କ ପ୍ରତି ତା'ର କର୍ତ୍ତବ୍ୟ ଭୁଲିଯାଇଥିବା ଦେଖିବାକୁ ମିଳିଛି। ନିୟମିତ ପାଣିପଞ୍ଚାୟତ ନିର୍ବାଚନ ନ ହେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଜିଲାରେ ଶେଷଥର ପାଇଁ ୨୦୦୭ରେ ପାଣି ପଞ୍ଚାୟତ ନିର୍ବାଚନ ହୋଇଥିଲା। ୨୦୧୨ରେ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସରିଥିବା ବେଳେ ୭ ବର୍ଷ ପରେ ଆଉ କୌଣସି ନିର୍ବାଚନ ହୋଇ ନାହିଁ। ନିର୍ବାଚନ ହୋଇ ନ ଥିବାରୁ ଚାଷୀଙ୍କ ଜମିକୁ ଠିକ୍ ଭାବେ ଜଳସେଚନ ହୋଇପାରୁ ନାହିଁ। ଫଳରେ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ୨୦୦୨-୦୩ ମସିହାରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ନିୟମ ପ୍ରଣୟନ କରାଯାଇଥିଲା। କୌଣସି ଏକ କେନାଲ କିମ୍ବା ଏହାର ଶାଖା କେନାଲ ଦ୍ୱାରା ଜଳସେଚିତ ହେଉଥିବା ୩୦୦ରୁ ୬୦୦ ହେକ୍ଟର କ୍ଷେତ୍ରାଞ୍ଚଳକୁ ନେଇ ପାଣି ପଞ୍ଚାୟତ ଗଠନ ହେବାର ନିୟମ ରହିଛି। ପ୍ରଥମସ୍ତରରେ ଚକ କମିଟି, ଦ୍ୱିତୀୟ ସ୍ତରରେ କାର୍ଯ୍ୟନିର୍ବାହୀ କମିଟି ଓ ତୃତୀୟ ସ୍ତରରେ ଶୀର୍ଷ କମିଟି ଗଠନ କରାଯାଏ। ଏହି କ୍ଷେତ୍ରାଞ୍ଚଳ ଅଧୀନରେ ଜଳସେଚିତ ହେଉଥିବା ଜମିର ମାଲିକ/ଚାଷୀମାନେ ପାଣି ପଞ୍ଚାୟତର ସଦସ୍ୟ ଅଟନ୍ତି। ଚାଷୀମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ଓ ଜଣେ ସମ୍ପାଦକ ଭାବେ ନିର୍ବାଚିତ ହୁଅନ୍ତି। ଏହା ଦ୍ୱାରା ଜମିକୁ ଠିକ୍ ଭାବେ ଜଳସେଚନ ହେବା ସାଙ୍ଗକୁ ଚାଷୀଟିଏ ଜମିରେ ୨ ବା ୩ ଫସଲି କରି ଆର୍ଥିକ ସୁଦୃଢ଼ ହୋଇଥାଏ। ନୟାଗଡ଼ ଜିଲାରେ ବୃଉଙ୍ଗ, କୁଆଁରିଆ,



ଜିଲା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ।

### ୨୦୦୭ରେ ଶେଷଥର ପାଇଁ ହୋଇଥିଲା ନିର୍ବାଚନ

ଡାହୁକା, ଲୁଣିଝରା, ଡୁଆଣ୍ଟ, ଶୁଳିଆ, କୁସୁମୀ ଆଦି ନଦୀ ବହିଯାଇଛି। ସେହିପରି ମହାନଦୀ ଜିଲା ମଧ୍ୟଦେଇ ପ୍ରବାହିତ। ଜିଲାରେ ୫୫ ହଜାର ୯୪୬ ହେକ୍ଟର ଚାଷ ଜମି ରହିଥିବାବେଳେ ବୁଢ଼ାବୁଢ଼ିଆଣୀ, କୁଆଁରିଆ, ଡାହୁକା ଆଦି ୩ଟି ଜଳସେଚନ ପ୍ରକଳ୍ପ ରହିଛି। ବୁଢ଼ାବୁଢ଼ିଆଣୀ ପ୍ରକଳ୍ପ ଅଧୀନରେ ୯ ପାଣି ପଞ୍ଚାୟତ ରହିଥିବା ବେଳେ ଏହା ୪୨୯୦ ହେକ୍ଟର ଜମିକୁ ଜଳସେଚିତ କରାଏ। ସେହିଭଳି କୁଆଁରିଆ ଜଳସେଚନ ପ୍ରକଳ୍ପ ଅଧୀନରେ ୧୦ ପାଣି ପଞ୍ଚାୟତ ଥିବାବେଳେ ଏହା ୩୭୮୦ ହେକ୍ଟର ଜମିକୁ ଜଳସେଚିତ କରାଏ। ଡାହୁକା ଜଳସେଚନ ପ୍ରକଳ୍ପ ଅଧୀନରେ ୬ ପାଣି ପଞ୍ଚାୟତ ରହିଥିବା ବେଳେ ଏହା ଦ୍ୱାରା ୨୨୭୮ ହେକ୍ଟର ଜମି ଜଳସେଚିତ ହୋଇଥାଏ। ଜିଲାରେ ଏହି ୩ଟି ଜଳସେଚନ ପ୍ରକଳ୍ପ ଅଧୀନରେ ୨୫ ପାଣି ପଞ୍ଚାୟତ ରହିଛି। ଉକ୍ତ ପାଣି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକଳାପ ସରିଥିଲେ ମଧ୍ୟ ଆଉ ନିର୍ବାଚନ ହୋଇପାରୁ ନାହିଁ। ନୟାଗଡ଼ ଜଳସମ୍ପଦ ବିଭାଗ ପକ୍ଷରୁ ଅକ୍ଟୋବର ୨୦୧୭ରେ ନିର୍ବାଚନ କରାଯିବା ପାଇଁ ସବୁ ପାଣି ପଞ୍ଚାୟତକୁ ଚିଠି କରାଯାଇଥିଲା। ଏହା ପରେ ଆଉ ଏ ଦିଗରେ କୌଣସି ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି। ଏ ନେଇ ନୟାଗଡ଼ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ସେ ଜିଲାରେ ଆଗାମୀ ୩ମାସ ଭିତରେ ସମସ୍ତ ପାଣି ପଞ୍ଚାୟତରେ ନିର୍ବାଚନ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସଂକ୍ଷେପରେ

### କାର୍ ଧକ୍କାରେ ଜଣେ ଗୁରୁତର

**ନୂଆଗାଁ,୨୯।୧୨(ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ଥାନା ସୋରଡା ଗ୍ରାମ ନିକଟରେ ଶନିବାର ଏକ କାର ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୋରଡା ଗ୍ରାମର ମହେଶ୍ୱର ପ୍ରଧାନ (୫୦)। ମିଳିଥିବା ସୂଚନା ଅନୁସାରେ ମହେଶ୍ୱର ଗାଈ ଚରାଇ ଅପରାହ୍ନ ୫ଟାରେ ଘରକୁ ଫେରୁଥିବା ବେଳେ ଦଶପଲ୍ଲାରୁ ନୟାଗଡ ଯାଉଥିବା ଏକ କାର୍ (ଓଡି୦୨ଟି ୫୪୬୦) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମହେଶ୍ୱର ରାସ୍ତାପାର୍ଶ୍ୱକୁ ଛିଟିକି ପଡିଥିଲେ। ତାଙ୍କ ଗୋଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ନୂଆଗାଁ ପୋଲିସ ଦୁର୍ଘଟଣା ଘଟାଇଥିବା କାର୍ ଜବତ କରିଛି।

### ୧୯୮୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ଓଡ଼ଗାଁ, ୨୯।୧୨(ସ୍ୱ.ପ୍ର.):** ଓଡ଼ଗାଁ ରଘୁନାଥ ବିଦ୍ୟାପୀଠର ୧୯୮୩ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ରବିବାର ନିକଟସ୍ଥ ବୁଢାବୁଢିଆଣି ପ୍ରକଳ୍ପ ପରିସରରେ ଆୟୋଜିତ ହୋଇଥିଲା। ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଶତାଧିକ ସହପାଠୀ ଏକାଠି ହୋଇଥିଲେ। ଦୀର୍ଘ ୩୬ ବର୍ଷ ପରେ ସମସ୍ତେ ଏକାଠି ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଏକ ଆବେଗଭରା ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ଏପରି କି ପାଠ ପଢା ସମୟର ସ୍ମୃତି ମନେ ପକାଇ ଭାବବିହ୍ୱଳ ହୋଇପଡିଥିଲେ। ଆଗାମୀ ବର୍ଷରେ ଏପରି କାର୍ଯ୍ୟକ୍ରମ ଆୟୋଜନ ସହ ସମାଜ ନିମନ୍ତେ କିଛି କରିବା ନିମନ୍ତେ ସମସ୍ତେ ସଙ୍କଳ୍ପ ନେଇଥିଲେ। ଅଧ୍ୟାପକ ଡ. ସୁଶାନ୍ତ କୁମାର ସାହୁ, ପ୍ରମୋଦ କୁମାର ପାତ୍ର, ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଆଡଭୋକେଟ ପ୍ରଦୀପ କୁମାର ମହାପାତ୍ର, ହରପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରୌପ୍ୟଜୟନ୍ତୀ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୨୯।୧୨**

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟଜୟନ୍ତୀ ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ରାୟ ବିଦ୍ୟାଳୟ ସମସ୍ତଙ୍କ ପାଇଁ ଆଲୋକର ବାର୍ତ୍ତା ନେଇ ଆସୁ ବୋଲି ପ୍ରକାଶ କରିଥିଲେ। ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାର ସହସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ଆଧ୍ୟାତ୍ମିକତା ହେବା ଦରକାର ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟା ମନ୍ଦିର ପରିଚାଳନା ସମିତି ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ, ସହସମ୍ପାଦକ କେଶବ ଚନ୍ଦ୍ର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ରୁକ୍ଷିଫୁଲ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଙ୍ଗଳବାର ରୌପ୍ୟ ଜୟନ୍ତୀର ଦ୍ୱିତୀୟ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ।



ଅତିଥିମାନେ ବିଦ୍ୟାମନ୍ଦିରର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

### ବଡଦାଣ୍ଡକୁ ପୁଣି ଫେରିଲେ ଭିକାରୀ

**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିରର ୭୫ ମିଟର ପରିଧିରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବାରୁ ଏହି ଅଞ୍ଚଳକୁ ଭିକାରୀମୁକ୍ତ ଲାଗି ପ୍ରଶାସନ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। ଏକ ଘରୋଇ ସଂସ୍ଥା ମାଧ୍ୟମରେ ସିଂହଦ୍ୱାର ନିକଟରେ ବସୁଥିବା ଭିକାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ସେଠାରୁ ହଟାଇ ପୌର ପ୍ରଶାସନ ଅଧୀନରେ ପରିଚାଳିତ ନାଇଟ ଶେଲ୍‌ଟରରେ ରଖିବା ବ୍ୟବସ୍ଥା କରାଯାଇଥିଲା। ଗତ କିଛି ମାସ ପରେ ପୁଣି ଭିକାରୀମାନେ ବଡଦାଣ୍ଡକୁ ଫେରିଛନ୍ତି। ନୂତନ ବର୍ଷ ଲାଗି ବଡଦାଣ୍ଡରେ ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ବ୍ୟାରିକେଡ କରାଯାଇଛି। ବ୍ୟାରିକେଡ ଉଭୟ ପାର୍ଶ୍ୱରେ ଭିକାରୀମାନେ ଧାଡ଼ିବାନ୍ଧି ବସିଥିବା ରବିବାର ଦେଖିବାକୁ ମିଳିଛି। ଏହାକୁ ନେଇ ପୁଣି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଜାନୁୟାରୀ ୨୦ରୁ ରାଜ୍ୟସ୍ତରୀୟ ଗଣିଆ କପ ଫୁଟବଲ

**ଗଣିଆ,୨୯।୧୨(ଡି.ଏନ.ଏ.)**

ମହାବୀର ସାଂସ୍କୃତିକ ପରିଷଦ ତରଫରୁ ରବିବାର ସନ୍ଧ୍ୟାରେ ଗଣିଆ ଡାକବଙ୍ଗଳା ପରିସରରେ ରାଜ୍ୟସ୍ତରୀୟ ଗଣିଆ କପ ଫୁଟବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦେବାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଜିଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ଗଣିଆ ସରପଞ୍ଚଙ୍କ ପ୍ରତିନିଧି ଅଜୟ କୁମାର ଲେଙ୍କା, ଗରିଶ କୁମାର ମିଶ୍ରଙ୍କ ସମେତ ପରିଷଦର ସମ୍ପାଦକ ବିଶ୍ୱରଞ୍ଜନ ସେଠୀ ଓ ସଭ୍ୟମାନେ ଉପସ୍ଥିତ ଥିଲେ। ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ଖେଳପଡ଼ିଆରେ ଆସନ୍ତା ଜାନୁୟାରୀ ୨୦ ତାରିଖରୁ ରାଜ୍ୟସ୍ତରୀୟ ଗଣିଆ କପ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବାପାଇଁ ସର୍ବ ସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବାପାଇଁ ସ୍ଥିର ହୋଇଛି। ବ୍ଲକ ଅଧ୍ୟକ୍ଷ ସ୍ୱାଇଁଙ୍କୁ ଅଧ୍ୟକ୍ଷ ଓ ବିଧାୟକ ବେହେରାଙ୍କୁ ମୁଖ୍ୟ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟ ଓ ଅତିଥିମାନେ।

## ବାସନ୍ତୀ ମଞ୍ଜରୀ ମେମୋରିଆଲ କ୍ରିକେଟ: ଢେଙ୍କାନାଳ ଚାମ୍ପିୟନ

**ଗଣିଆ,୨୯।୧୨(ଡି.ଏନ.ଏ.)**

ଗଣିଆ ବ୍ଲକ ବେଲପଡ଼ା ପାଟଣାର ଶ୍ରୀ ଶ୍ରୀ ରଘୁନାଥ ଜୀଉ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଦଧିବାମନ ଜୀଉ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୪୫ତମ ବାସନ୍ତୀମଞ୍ଜରୀ ମେମୋରିଆଲ କ୍ରିକେଟ କପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କାଇପଦରକୁ ହରାଇ ଢେଙ୍କାନାଳ ଦଳ ଚାମ୍ପିୟନ ହୋଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବେଲପଡ଼ାପାଟଣା ସରପଞ୍ଚ ଦମୟନ୍ତି ବେହେରା, ପୂର୍ବତନ ସରପଞ୍ଚ ତଥା ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଟସ୍ ଜିତି ଢେଙ୍କାନାଳ କ୍ରିକେଟ କ୍ଲବ୍ ବ୍ୟାଟିଂ କରିନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ହରାଇ ୨୫୮ରନ କରିଥିଲା। ଜବାବରେ କାଇପଦର କ୍ରିକେଟ କ୍ଲବ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ରନ କରି ପରାଜିତ ହୋଇଥିଲା। ଢେଙ୍କାନାଳ ଦଳର ସୁନିଲ କୁମାର ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ମୁସ୍ତାକ ବେଗ୍ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ବିଧାୟକ ବେହେରା ଚାମ୍ପିୟନ ଦଳକୁ ନଗଦ ୨୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଶେଷଦେବ ସ୍ୱାଇଁ ରନର୍ସଅପ ଦଳକୁ ନଗଦ ୧୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ସମୀର କୁମାର ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

### ଶୀତର ପ୍ରକୋପ ବୃଦ୍ଧି

**ଦଶପଲ୍ଲା,୨୯।୧୨(ଡି.ଏନ୍.ଏ.)**

ସାରା ରାଜ୍ୟରେ ଶୀତର ପ୍ରକୋପ ଦେଖାଦେଇଛି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଏଥିରୁ ବାଦ୍ ପଡ଼ିନାହିଁ। ଅଞ୍ଚଳରେ ଗତ କିଛିଦିନ ହେଲା ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଅପରାହ୍ନରୁ ଶୀତ ଆରମ୍ଭ ହୋଇ ସକାଳ ୧୦ଟା ପର୍ଯ୍ୟନ୍ତ ଲାଗିରହୁଛି। ଏଥିଯୋଗୁ ଗରିବ ଲୋକମାନେ ବହୁ ହଇରାଣର ସମ୍ମୁଖୀନ ହେଉଛନ୍ତି। ବୃଦ୍ଧାବୃଦ୍ଧମାନେ କାଠ ଜାଳି ସକାଳ ଓ ସନ୍ଧ୍ୟାରେ ନିଆଁ ପୁଆଁଇ ହେଉଥିବା ଦେଖାଯାଉଛି।



## ପରିବାରକୁ ଏକାଠି କରି ଭାଇଚାରାର ବାର୍ତ୍ତା ଦେଲେ

**ଭାପୁର,୨୯।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକର ୪/୫ ଜଣ ଯୁବକ ନିଜ ବାପା, ଜେଜେ ଓ ଦାଦାମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଦୂର କରିବାରେ ସଫଳ ହୋଇଛନ୍ତି। ସେମାନଙ୍କ ଉଦ୍ୟମରେ ୧୦ରୁ ଊର୍ଦ୍ଧ୍ୱ ପରିବାର ବଣଭୋଜି କରି ସମାଜକୁ ଭାଇଚାରାର ବାର୍ତ୍ତା ଦେଇଛନ୍ତି। ଭାପୁର ଗ୍ରାମ ମାଳିସାହିର ସୌରୀ ମହାପାତ୍ର (୮୫), ଅଇଁଠ ମହାପାତ୍ର (୮୩), ପଞ୍ଚାନନ ମହାପାତ୍ର (୮୦), ବିଶ୍ୱନାଥ ମହାପାତ୍ର (୭୫), କାଶୀନାଥ ମହାପାତ୍ର (୭୦) ଓ ଶଶୀ ମହାପାତ୍ର (୬୦)ଙ୍କ ପରିବାର ପାରିବାରିକ କାରଣରୁ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପରସ୍ପରଠାରୁ ଦୂରେଇ ରହିଥିଲେ। ମାତ୍ର ସେମାନଙ୍କ ପିଲାମାନେ ଯୋଜନାବଦ୍ଧ ଭାବେ ଏହାକୁ ଦୂର କରିପାରିଛନ୍ତି। ରମେଶ, ମାନଗୋବିନ୍ଦ, ଲକି ଓ କେଦାରଙ୍କ ଉଦ୍ୟମରେ ଗାଁରେ ରହୁଥିବା ପରିବାରର ବୟସ୍କ ମହିଳାପୁରୁଷ ଓ ଯୁବକମାନେ ସେମାନଙ୍କ ପରିବାରକୁ ନିକଟସ୍ଥ ବ୍ରାହ୍ମଣୀ ଦେବୀ ମନ୍ଦିରରେ ଏକାଠି କରାଇବାର ଦୃଶ୍ୟ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

## ■ ଖଣ୍ଡପଡ଼ା ମହୋତ୍ସବର ତୃତୀୟ ସନ୍ଧ୍ୟା

# ଖାଡଙ୍ଗା ଭାଗବତ ଖଣ୍ଡପଡା ମାଟିର ଅନନ୍ୟ ପରିଚୟ

**ଖଣ୍ଡପଡ଼ା,୨୯।୧୨(ସ୍ୱ.ପ୍ର.)**

କଳାବିକାଶ ପରିଷଦ ଖଣ୍ଡପଡ଼ା ପକ୍ଷରୁ ଚାଲିଥିବା ଖଣ୍ଡପଡା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଉତ୍ସବରେ ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମୁଖ୍ୟଅତିଥି, ଦାସ ବେହେରାଙ୍କ ମୁଖ୍ୟ ବକ୍ତା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ। ପଠାଣି ସାମନ୍ତ, ଓଡିଆ ଭାଗବତର ରଚୟିତା ଦୀନବନ୍ଧୁ ଖାଡଙ୍ଗାଙ୍କ ପରି ଅନେକ ମହାମନୀଷ ପବିତ୍ର ଖଣ୍ଡପଡା ମାଟିରେ ଜନ୍ମ ହୋଇଛନ୍ତି। ତେଣୁ କେବଳ ରାଜ୍ୟ କାହିଁକି ଦେଶ ବିଦେଶରେ ଏମାଟିର ସୁନାମ ରହିଛି। ସେହିପରି ଖାଡଙ୍ଗା ଭାଗବତ ଖଣ୍ଡପଡା ମାଟିର ଅନନ୍ୟ ପରିଚୟ ବୋଲି ଅତିଥିମାନେ ମତ ଦେଇଥିଲେ। କୁନି ପ୍ରତିଭା ରୁପାଲୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୋନାଲୀ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ପଠାଣି ସାମନ୍ତଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଡ଼ାକ ଟିକେଟ ପ୍ରଚଳନ କରିଥିବା ବେଳେ ଆଗାମୀ ଦିନରେ ପଠାଣି ସାମନ୍ତଙ୍କ ନାମରେ ଏକ ଟ୍ରେନ ଚଳାଚଳ କରିବା ନିମନ୍ତେ ପୂର୍ବତନ ବିଧାୟକ ସିଂହ କେନ୍ଦ୍ର ସରକାରଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିବା ସମ୍ପର୍କରେ ସୂଚନା ଦେଇଥିଲେ। କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ଉତ୍ସବରେ ପୌରୋହିତ୍ୟ କରିଥିଲେ। ରମେଶ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏ ଅବସରରେ କବି ଓ ନାଟ୍ୟକାର ଧୀରେନ କୁମାର ସାମନ୍ତ ସିଂହାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହାସ୍ୟ ଅଭିନେତା ସ୍ମୃତି ରଞ୍ଜନ ମହାନ୍ତିଙ୍କ ନଟିଆ କମେଡି ଦର୍ଶକମାନଙ୍କ ମନ ଜିଣି ପାରିଥିଲା। ଦାସ କାଠିଆ, ମ୍ୟାଜିକ ଶୋ, ଖଣ୍ଡପଡାର ଶିଶୁ କଳାକାର ରିତିକ୍ ଦାଶଙ୍କ ଓଡିଶୀ ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡା ଓ ମେଲୋଡି କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# କାର୍ଯ୍ୟ ଆରମ୍ଭରୁ ପିଣ୍ଡି କାନ୍ଥରେ ଫାଟ

**ଖଣ୍ଡପଡା,୨୯।୧୨(ସ୍ୱ.ପ୍ର.)**

ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଅନୁଦାନ ଅର୍ଥରେ କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିରର ମରାମତି କାର୍ଯ୍ୟ ୪ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ମଞ୍ଜୁର ଅର୍ଥରେ ନିର୍ମାଣ ହେଉଥିବା ଏକ ନୂତନ ପିଣ୍ଡି କାନ୍ଥରେ ଫାଟ ସୃଷ୍ଟି ହୋଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଦ୍ୱାଦଶ ଶତାବ୍ଦୀର ଏହି ମନ୍ଦିର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ପୁରୀ ଶ୍ରୀମନ୍ଦିର ପୂର୍ବରୁ ନିର୍ମାଣ ହୋଇଥିବା ଏହି ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଅନେକ ସ୍ଥାନ ଭାଙ୍ଗି ନଷ୍ଟ ହେବାକୁ ବସିଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଭୁବନେଶ୍ୱରର ଇନ୍‌ଟାକ ନାମକ ସଂସ୍ଥା ଦ୍ୱାରା ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ନୀଳମାଧବ ଜୀଉଙ୍କ ପଶ୍ଚିମ ଦ୍ୱାର ନିକଟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଏକ ନୂତନ ପିଣ୍ଡି (ମଣ୍ଡପ) କାର୍ଯ୍ୟ ୨୦୧୫ ଏପ୍ରିଲ ମାସରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅସମ୍ପୂର୍ଣ୍ଣ ପିଣ୍ଡି କାନ୍ଥରେ ଫାଟ ସୃଷ୍ଟି ହେବାରୁ କାର୍ଯ୍ୟ ଦାୟିତ୍ୱରେ ରହିଥିବା ଜନୈକ ଅଧିକାରୀଙ୍କୁ ପ୍ରଶ୍ନ କରାଯାଇଥିଲା। ଅଧିକାରୀ ଜଣକ ପିଣ୍ଡି ମଧ୍ୟରେ ବାଲି ଫିଲିଂ କରି ପାଣି ଦେବାରେ ବାଉଟି ଫାଟିଯାଇଥିବା ପ୍ରକାଶ କରି ଭବିଷ୍ୟତରେ ଏହା ବିପଦ ସୃଷ୍ଟି କରିବ ନାହିଁ ବୋଲି କହିଥିଲେ। ମାତ୍ର ୪ ବର୍ଷ ବିତିଯାଇଥିଲେ ହେଁ ସମ୍ପୃକ୍ତ ସଂସ୍ଥାର ଆଉ ଦେଖାମିଳୁନି। ତେଣେ କାନ୍ଥଟି କ୍ରମଶଃ ଅଧିକରୁ ଅଧିକ ଫାଟୁଥିବା ଦେଖାଯାଉଛି। ଏହି ପିଣ୍ଡିର ଭାରା ନିକଟରେ ଥିବା ପାବଚ୍ଛକୁ ମଧ୍ୟ ଫଟାଉଥିବା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କୁ ପଚାରିବାରୁ ଏହି କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ସମସ୍ୟା ସୁଧାରିବା ଦିଗରେ ଅବହେଳା ପ୍ରଦର୍ଶନ କରୁଥିବା ସେ ସୂଚନା ଦେଇଛନ୍ତି।


ମନ୍ଦିର ପାହାଚ କାନ୍ଥରେ ସୃଷ୍ଟି ହୋଇଥିବା ଫାଟ।

**ନୀଳମାଧବ ମନ୍ଦିର**
■ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

